### ଛାତ୍ରୀଙ୍କ ଅଜାଣତରେ ଲକ୍ଷାଧିକ ଟଙ୍କାର ଛାତ୍ରବୃତ୍ତି ଉଠାଣ

# ସାଇବର ଥାନାରେ ଅଭିଯୋଗ; ତଦନ୍ତ ଆରମ୍ଭ

ବାରିପଦା, ୫ା୩(ସମିସ): ଜଣେ ଛାତ୍ରୀଙ୍କ ଅଜାଣତରେ ତାଙ୍କର ଲକ୍ଷାଧିକ ଟଙ୍କାର ଛାତ୍ରବୃତ୍ତି ଟଙ୍କା ଉଠାଣ ହୋଇଥିବା ନେଇ ବାରିପଦା ସାଇବର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଶରତ ଥାନା ଅନ୍ତର୍ଗତ ରାଣୀପୋଖରୀ ତଥା ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ଦ୍ୱିତୀୟ ବର୍ଷର ଛାତ୍ରୀ ମମତାମୟୀ ଗୋଇପାଇ ଅଭିଯୋଗ କରିଛନ୍ତି। ସାଇବର ଥାନାରେ ଏକ ମାମଲା ରୁଜୁହୋଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, ମମତାମୟୀ କପ୍ତିପଦା ବ୍ଲକର ନୂଆସାହି ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷାଗ୍ରହଣ ସମୟରେ ପ୍ରଥମ ଶିକ୍ଷାବର୍ଷର ଛାତ୍ରବୃତ୍ତି ପାଇଥିଲେ। କିନ୍ତୁ ଦ୍ୱିତୀୟ ବର୍ଷକୁ ଉନ୍ନୀତ ହେବା ପରେ ତାଙ୍କର ସ୍କଲାରସିପ୍ ଲଗ-ଇନ୍ ଆଇଡି ବ୍ଲକ ହୋଇଯାଇଥିଲା। ଫଳରେ ଯୁକ୍ତ ତିନିର ଦ୍ୱିତୀୟ ଓ ତୃତୀୟ ଶିକ୍ଷାବର୍ଷ ସମୟରେ



ଛାତ୍ରବୃତ୍ତି ପାଇବାରୁ ସେ ବଞ୍ଚିତ ହୋଇଥିଲେ। ଯୁକ୍ତ ତିନି ପାଠ୍ୟକ୍ରମ ସରିବା ପରେ ବାରିପଦା ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଏବେ ସେ ଦ୍ୱିତୀୟ ବର୍ଷର ଛାତ୍ରୀ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନୂଆ-ଓ ଛାତ୍ରବୃତ୍ତି ଯୋଜନା ଅନଲାଇନରେ ଆବେଦନ କରିବା ସମୟରେ ସମସ୍ୟା ଉପୁଜିବା ଫଳରେ ସେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ। ସମସ୍ୟାର ସମାଧାନ କରିବାକୁ ଯାଇ ତାଙ୍କର ପୂର୍ବ ଛାତ୍ରବୃତ୍ତି ଦେଣନେଣ ସମ୍ପର୍କୀତ ବିବରଣୀକୁ ୱେବସାଇଟରୁ ଦେଖି ପାରିଥିଲେ। ସେଥିରେ ଜଣାପଡ଼ିଥିଲା ଯେ ମମତାମୟୀ ଗୋଇପାଇ ଖୋର୍ଦ୍ଧାର ଟ୍ରାଇଟୁନ ଏକାଡେମୀରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ଏବଂ ତାଙ୍କର ସ୍ନାତକ ଡିଗ୍ରୀ ବାବଦରେ ସରକାରଙ୍କଠାରୁ ୧ଲକ୍ଷ ୩୧ହଜାର ଟଙ୍କାର ବୃତ୍ତି ପାଇଛନ୍ତି। ଏହି ଛାତ୍ରବୃତ୍ତି ଅର୍ଥରାଶି ତାଙ୍କ ବାଲେଶ୍ୱର ବନ୍ଧନ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି। ତେବେ ମମତାଙ୍କ ଅଜାଣତରେ କିପରି ଏହା ହୋଇଛି, ସେନେଇ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ଖୋର୍ଦ୍ଧାର ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିନାହାନ୍ତି କି ତାଙ୍କୁ ବନ୍ଧନ ବ୍ୟାଙ୍କରେ ଆକାଉଣ୍ଟ ନାହିଁ। ତେବେ ତାଙ୍କ ଅଜାଣତରେ ଛାତ୍ରବୃତ୍ତି ରାଶି ଉଠାଣ ନେଇ ଜାଣିବାକୁ ପାଇଥିଲେ। ତାଙ୍କର ଶିକ୍ଷାଗତ କାଗଜପତ୍ର କେହି ଜଣେ ନେଇ ତାଙ୍କୁ ଖୋର୍ଦ୍ଧା ଟ୍ରାଇଟୁନ କଲେଜରେ ଛାତ୍ରୀ ସଜେଇଛି ଏବଂ ତାଙ୍କ ନାମରେ ପାସବୁକ ଖୋଲି ତାଙ୍କ ଛାତ୍ରବୃତ୍ତି ଅର୍ଥ ଆତ୍ମସାତ କରିଛି। ଏପରିକି ତାଙ୍କଠାରୁ ଚଞ୍ଚକତା କରି ତାଙ୍କର ଶିକ୍ଷାଗତ ସାର୍ଟିଫିକେଟ କାଗଜ ନେଇଥିବା ମହିଳାଙ୍କ ନାମ ମଧ୍ୟ ଅଭିଯୋଗପତ୍ରରେ ଦର୍ଶାଇଯାଇଛି।

## ଲାଇନ୍‌ମ୍ୟାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୫ା୩(ସମିସ): ବିଶ୍ୱ ଲାଇନ ମ୍ୟାନ ଦିବସରେ ଜଣେ ଲାଇନମ୍ୟାନଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ବନ୍ଦ କୋଠରୀ ମଧ୍ୟରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଓହଳି ପଡ଼ିଥିବା ବେଳେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୦ର ସତ୍ୟସାଇ ଛକ ନିକଟରେ। ମୃତକ ଜଣକ ହେଲେ ସାରସକଣା ଅଞ୍ଚଳର ରାଜେଶ କୁମାର ସାହୁ। ଟାଟା ପାୱାରରେ ବାରିପଦାର ଭଞ୍ଜପୁର ଇଲେକ୍ଟ୍ରିକାଲ ସେକ୍ସନରେ ଲାଇନ ମ୍ୟାନ ଭାବେ ରାଜେଶ କାର୍ଯ୍ୟରତ ଥିଲେ। ସେ ଶେଖ୍ ଇବଜୁଲ ହାସେନଙ୍କ ଘରେ ଅନ୍ୟ ଜଣେ ଲାଇନମ୍ୟାନ ହରି ଅରବିନ୍ଦ ସାହୁଙ୍କ ସହିତ ଭଡା ସୂତ୍ରରେ ରହୁଥିଲେ। ତେବେ ରାଜେଶ ନିଜର କାର୍ଯ୍ୟ ସାରି ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘରେ କେହି ନ ଥିବାବେଳେ ଘରକୁ ଆସିଥିଲେ। ପରେ ଭିତର ପଟୁ କବାଟ ବନ୍ଦ କରି ଘରେ ରହିଥିଲେ। ବହୁ ସମୟ ଧରି କବାଟ ବନ୍ଦ କରି ସେ ଭିତରେ ରହିବା ସନ୍ଦେହ ହୋଇଥିଲା। ଅପରାହ୍ନ ପ୍ରାୟ ୨ଟାରେ ଘର କବାଟ ଭାଙ୍ଗି ଦେଖିବା ବେଳକୁ ରାଜେଶଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଥିଲା। ବେକରେ ବେଡସିଟ ଓ ଗାମୁଛା ଲଗାଇ ଘର ଭିତରେ ଥିବା ଏକ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବା ନେଇ ବନ୍ଧୁ ହରି ଅରବିନ୍ଦ ସାହୁ କହିଛନ୍ତି। ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛନ୍ତି। ସାଇଣ୍ଟିଫିକ ଟିମ ସହାୟତା ଯାଞ୍ଚ କରାଯାଇଛି। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ନେଇ ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଇଛି।

## ବିଜୁ ଜୟନ୍ତୀରେ ୧୦ ଆବର୍ଜନା ଗାଡ଼ି ଲୋକାର୍ପିତ



ବାରିପଦା, ୫ା୩(ସମିସ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ଅବସରରେ ବାରିପଦା ପୌର ପରିଷଦ ପକ୍ଷରୁ ମଙ୍ଗଳବାର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ ରୂପ ପାଇଥିବା ବିଜୁ ପଟ୍ଟନାୟକ ପାର୍କ ମଧ୍ୟ ଉଦଘାଟିତ ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଜରିଆରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିନିଯୋଗରେ ରୂପାନ୍ତରିତ ବିଜୁ ପଟ୍ଟନାୟକ ପାର୍କର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ପାର୍କକୁ ଉଦ୍‌ଘାଟନ କରିଥିଲେ। ପାର୍କର ରୂପାନ୍ତରିତ କରାଯାଇଥିବା ବେଳେ ଜନସାଧାରଣଙ୍କ ଆକର୍ଷଣ ପାଇଁ ଲେଜର ଶୋ ବ୍ୟବସ୍ଥା ହୋଇଛି। ଏଥି ସମେତ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଶିଶୁ ଖେଳ ସ୍ଥାନ ମଧ୍ୟ ତିଆରି ହୋଇଛି। ଏଥି ସହିତ ପୌରପାଳିକା ପକ୍ଷରୁ ନୂତନ ଭାବେ ୧୦ଟି ଆବର୍ଜନା ସଂଗ୍ରହ ଗାଡି (ଏଲସିଭି) ଲୋକାର୍ପଣ ହୋଇଛି। ଏହାକୁ ମଧ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଲୋକାର୍ପିତ କରିଥିଲେ। ସହରକୁ ସଫା ସୁତୁରା ରଖିବା ପାଇଁ ପ୍ରତିଟି ଘରଦୁଆରୁ ଅଳିଆ ଆବର୍ଜନା ସଂଗ୍ରହ କାର୍ଯ୍ୟ ଜାରି ରହିଛି। ପୂର୍ବରୁ ୨୦ଟି ଏଲସିଭି ଗାଡି, ୭ଟି ବିଓଭି ଓ ୪୦ଟି ଟ୍ରଲି ଦ୍ୱାରା ପ୍ରତିଟି ଘରୁ ଆବର୍ଜନା ସଂଗ୍ରହ ହେଉଥିବା ଥିବା ବେଳେ ଏବେ ନୂତନ ଭାବେ ଆଉ ୧୦ଟି ଆବର୍ଜନା ସଂଗ୍ରହ ଗାଡି ଲୋକାର୍ପିତ ହୋଇଛି। ସଫେଇ ଗାଡ଼ିକୁ ନିୟୋଜିତ କରି ବାରିପଦା ସହରକୁ ଅଳିଆ ଆବର୍ଜନା ମୁକ୍ତ କରି ସ୍ୱଚ୍ଛ ବାରିପଦା ଗଠନ କରିବା ପାଇଁ କାର୍ଯ୍ୟଧାରା ଜାରି ରହିଛି ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି।

## ବନାଗ୍ନି ରୋକିବା ପାଇଁ ହେଲ୍ପ ଲାଇନ୍ ନମ୍ବର ଜାରି

ବାରିପଦା, ୫ା୩(ସମିସ): ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନି କବଳରୁ ମୁକ୍ତି ରଖିବା ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରଣ କକ୍ଷ ସହ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ(ଦକ୍ଷିଣ) ସମ୍ରାଟ ଗୌଡା ସୂଚନା ଦେଇଛନ୍ତି। ଜିରୋ ବନାଗ୍ନି ନିମନ୍ତେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ନୂତନ ପଦକ୍ଷେପ ମାନ ଗ୍ରହଣ କରିବାରେ ଲାଗିଛନ୍ତି। ଜନ ସଚେତନତା ଜରିଆରେ ଲୋକଙ୍କୁ ଶିମିଳିପାଳ ଅଭୟାରଣ୍ୟକୁ ଅଗ୍ନି ଦାଉରୁ ସୁରକ୍ଷା ଯୋଗାଇବା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ନିୟନ୍ତ୍ରଣ କକ୍ଷ ଆରମ୍ଭ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ସ୍ଥିତି ଦୃଷ୍ଟିକୁ ଆସିଲେ ନିୟନ୍ତ୍ରଣ କକ୍ଷ ନମ୍ବର ୯୭୭୬୨୪୦୩୬୮ରେ ତୁରନ୍ତ ଯୋଗାଯୋଗ କରିବା ପାଇଁ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ନିବେଦନ କରାଯାଇଛି। ଖବର ଜରିଆରେ ବନ କର୍ମଚାରୀମାନେ ଉକ୍ତ ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିପାରିବେ। ଏନେଇ ବାରିପଦା ସ୍ଥିତ କାର୍ଯ୍ୟାଳୟରେ ଏକ ନିୟନ୍ତ୍ରଣ କକ୍ଷ ମଧ୍ୟ ଆରମ୍ଭ କରାଯାଇଛି।

## ବାରିପଦା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜୟନ୍ତୀ

ବାରିପଦା, ୫ା୩(ସମିସ): ନବ ଓଡ଼ିଶାର ସ୍ରଷ୍ଟା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ତୈଳ ଫଟୋଚିତ୍ରରେ ପୁଷ୍ପମାଲ୍ୟ



ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥଗଲା। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଜୁ ବାବୁଙ୍କର ଓଡ଼ିଶା ପ୍ରତି ଅବଦାନ ବାବଦରେ ଅତିଥିମାନେ ଆଲୋକପାତ କରିଥିଲେ। ଲୋକ କଲ୍ୟାଣ ଓ ଉନ୍ନତି ପାଇଁ ବିଜୁବାବୁ ଆଙ୍କିଥିବା ଓଡ଼ିଶା ବିକାଶର ବିସ୍ତୃତ ନକ୍ସା ଆଜି ସଫଳ ରୂପାୟନ ହୋଇଛି। ତାଙ୍କର ପ୍ରତିଟି କାମ ଓଡ଼ିଆ ଜାତି ପାଇଁ ସ୍ୱାଭିମାନ ଓ ଗୌରବ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି। ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଛି। ପ୍ରାରମ୍ଭରେ ବିଜୁ ପଟ୍ଟନାୟକ ଗୋଲେଇ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଧ୍ୟାହ୍ନ ସମୟରେ ରଘୁନାଥପୁର ସ୍ଥିତ ରୋଜ ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟରେ ଅନ୍ତେବାସୀଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଅନୁସୂଚିତ ଜାତି ଓ ଜନଜାତି ଏବଂ ସଂଖ୍ୟାଲଘୁ ବିଭାଗର ରାଜ୍ୟ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀ ସଂଯୋଜକ ପ୍ରଭାତ ନାୟକ, ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ସମାଜ ସେବୀ ଅମର ସେଠୀ, ଛବି ମାହାଲି, ଜିଲ୍ଲା ଯୁବ ଜନତା ଦଳର ସଭାପତି ଅରୁଣ ବରାଡ଼, ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ସୁନିଲ କୁମାର ନାଏକ, ଜୋନାଲ ସଭାପତି ଅବଦୁଲ ହବିବ୍, ସମସ୍ତ ୱାର୍ଡ କାଉନସିଲର, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଜୟନ୍ତୀରେ ପ୍ରବାଦପୁରୁଷଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



**ବହଳଦା, ୫।୩(ସମିସ)**

ବହଳଦା ବ୍ଲକ ବିଜୁଜନତା ଦଳ ତରଫରୁ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜନ୍ମଦିବସ ପାଳିତ ହୋଇଛି। ପୂର୍ବାହ୍ନରେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ସମବେତ ହୋଇ ଡାକ ବଙ୍ଗଳା ଛକରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବ୍ଲକ ବିଜେଡି ସଭାପତି ହରେକୃଷ୍ଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲା ବିଜେଡି ଉପସଭାପତି ସୁବାସ ମଣ୍ଡଳ, ବରିଷ୍ଠ ନେତା ଈଶାନ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପଙ୍କଜ ରାଉତ ସମ୍ପାଦକ ରାଜେନ୍ଦ୍ର ମଲ୍ଲିକ, ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର, ଜନତା ବସା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ରୁବି ମହାକୁଡ଼, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାହୁଲ ଯାଦବ, ସମ୍ପାଦକ ଲାଲମୋହନ ବାରିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜେମାମଣି ଶୁଣ୍ଡି, ପୂର୍ବତନ ଅଧ୍ୟକ୍ଷ ରବି ମାରାଣ୍ଡି, ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବସା, ହରମୋହନ ବେହେରା, ସତ୍ୟବାନ୍ ବସା, ଶୁକଦେବ ସାହୁ, ମାନସ ବାରିକ, ପ୍ରବୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ସାହି:** ବଡସାହି ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ସଭାପତି ତପନ କୁମାର ପତିଙ୍କ ସଭାପତିତ୍ୱରେ ନେତୃବୃନ୍ଦ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କର୍ମୀମାନେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଅମର



ରହେ ଧ୍ୱନିରେ ବଜାର ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦଳ ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ ପରେ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଗଣଦୌଡ ଆରମ୍ଭ ହୋଇଥିଲା। ଗଣ ଦୌଡ ଜଗନ୍ନାଥ ମନ୍ଦିରରୁ ବାହାରି ବଜାର ପରିକ୍ରମା କରିବା ସହିତ ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ହନୁମାନ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସମବାୟ ସମିତିର ସଭାପତି ତଥା ବଡସାହି ନିର୍ବାଚନ ମଣ୍ଡଳୀର ସଂଯୋଜକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ବଡସାହି ବ୍ଲକ ଅଧ୍ୟକ୍ଷା ମିନତି ସିଂ, ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଜିଲ୍ଲା ପରିଷଦ ସୁବାସିନୀ ନାଏକ, ବ୍ଲକ ସଂଯୋଜକ ସନ୍ତୋଷ କୁମାର ଜେନା, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଜ୍ଞାନରଞ୍ଜନ ଦାଶ, ବରିଷ୍ଠ କର୍ମୀ ରଣଜିତ ପାତ୍ର, ବିଶ୍ୱଜିତ ଦାସ, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଯୁବ କାର୍ଯ୍ୟକାରୀ ସଭାପତି ଦୀପକ ସାହୁ, ଛାତ୍ର ସଭାପତି ବାଇଧର ବିନ୍ଧାଣୀ, ସରପଞ୍ଚ ବୁଧୁ ସିଂ ନାରୀ ନେତ୍ରୀ ସୁଭଦ୍ରା ବିନ୍ଧାଣୀ, ରୀତା ବିଶ୍ୱାଳ ଓ ସୁଲୋଚନା ରାଉତ ମିଶ୍ର ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଛନ୍ତି।

**ରାସଗୋବିନ୍ଦପୁର:** ବିନୋଦ ରାୟମଠ ପ୍ରାଙ୍ଗଣରେ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଦଳୀୟ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ



ବିଜେଡି ବ୍ଲକ କୋର୍ଡ଼ିନେଟର ବିଜନ ନାୟକଙ୍କ ସଂଯୋଜନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବରିଷ୍ଠ ନେତା ବିନୋଦ ବିହାରୀ ଦାସ, ଜିଲ୍ଲା ଉପ ସଭାପତି ଡ଼ା ଆଦିତ୍ୟ କୁମାର ପଣ୍ଡା, ବରିଷ୍ଠ ନେତା ମୀନକେତନ ମହାନ୍ତି, ସରପଞ୍ଚ ସୁଧାଂଶୁ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ, ଶ୍ରୀକାନ୍ତ ପାଲ, କୌସ୍ତୁଭ ଦାଶ, ଜୋନ୍ କୋର୍ଡ଼ିନେଟର ଉତ୍ତମ କୁମାର ମହାନ୍ତି, ରାଜ୍ୟ ମହିଳା ସମ୍ପାଦିକା ତଥା ବିଧାୟକ ରାଜକିଶୋର ଦାସଙ୍କ ଧର୍ମ ପତ୍ନୀ ପ୍ରୀତିନନ୍ଦା କାନୁନଗୋ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ହରେକୃଷ୍ଣ ନାୟକ, ମହିଳା ସଭାନେତ୍ରୀ ଉଜ୍ଜୟିନୀ ବେହେରା ଓ କାର୍ଯ୍ୟକାରୀ ସଭାନେତ୍ରୀ ମଧୁସ୍ମିତା ଚୌବେଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ନିର୍ବାଚିତ ପ୍ରତିନିଧି, ବରିଷ୍ଠ ନେତା, ମହିଳା ଯୁବ ଛାତ୍ର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜୟନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଶୁକ୍ରୁଳି :** ଆଜି ଯଶିପୁର ନିର୍ବାଚନ ମଣ୍ଡଳୀରେ ବିଜୁବାବୁଙ୍କ ୧୦୮ ତମ ଜନ୍ମ ଦିବସ ପାଳିତ ହୋଇଛି। ଏହି ଅବସରରେ ଯୁବ ନେତା ଗୋଲକ ବିହାରୀ



ନାୟକଙ୍କ ନେତୃତ୍ୱରେ ଏକ ସାଇକଲ ରାଲି ମୟୂରଭଞ୍ଜ ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ପୀଠରୁ ବାହାରି ଶୁକ୍ରୁଳି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାଲି ବାହାରିଥିଲା। ରାଲିରେ କର୍ମୀମାନେ ବିଜୁ ବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବିକାଶ ରଞ୍ଜନ ସି, ପରମେଶ୍ୱର ନାଏକ, ମିନତି ନାଏକ, ହର୍ଷମଣି ମହାନ୍ତ, ବୀଣାପାଣି ଘଣା, ନରେଶ ଗିରି, ଦୁର୍ଗା ସି ପ୍ରମୁଖ ରାଲିରେ ଯୋଗ ଦେଇଥିଲେ। ଶତାଧିକ ପୁରୁଷ ଓ ମହିଳା ସାଇକଲ ରାଲିରେ ଭାଗ ନେଇଥିଲେ।

**କପ୍ତିପଦା :** କପ୍ତିପଦା ବ୍ଲକ ବିଜୁ ଜନତା ଦଳ ଆନୁକୂଲ୍ୟରେ ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ପ୍ରବାଦପୁରୁଷ ବିଜୁ ବାବୁଙ୍କ




ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାପରେ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ୍, ଜିଲ୍ଲା ପରିଷଦ ସଦସ୍ୟ ସିରୁ ସୋରେନ୍ ଓ ମାକୁ ସିଂ, ଜିଲ୍ଲା ବିଜୁ ମହିଳା କାର୍ଯ୍ୟକାରୀ ସଭାପତି ସବିତା ହାଁସଦା, ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ କୁନୁ ମୁର୍ମୁ, ବିଜୁ ମହିଳା, ଯୁବ ଓ ଛାତ୍ର ଜନତା ଦଳ ସଭାପତି ସସ୍ମିତା ବାରିକ, ବିଣାକର ମହାପାତ୍ର ଓ ଆଶିଷ କୁମାର ଦାସ ଏବଂ ବହୁ ସରପଞ୍ଚ ଓ ସମିତି ସଭ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କର୍ମୀମାନଙ୍କ ବିଜୁ ପଟ୍ଟନାୟକ ଅମର ରହେ ଧ୍ୱନିରେ ସଭାଗୃହ ପ୍ରକମ୍ପିତ ହୋଇଥିଲା। ଏହି ସଭାରେ ବିଜୁ ଜନତା ଦଳ ସଭାପତି ସୁଭାଷ ଚନ୍ଦ୍ର ସାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଣେଶ୍ୱର ମଲ୍ଲିକ, କାଶୀନାଥ ବେହେରା, ବିଜୟ ଭିତିରିଆ, ଅଭିମନ୍ୟୁ ମଣ୍ଡଳ, ସୁନୀଲ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଯୁବ ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ :** ବେତନଟୀ ବ୍ଲକ ପରିସରରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଡ. ଅମୃତ କୁମାର ରାଉଳ



ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ୩୫ନଂ ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଧାନୀ କିସ୍କୁ, ଏବିଡିଓ ଗଗନ ବିହାରୀ ବେହେରା, ଏବିଇଓ ରମାକାନ୍ତ ମହାନ୍ତ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସୀନ ରହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀକୁ ପଞ୍ଚାୟତିରାଜ ଦିବସ ବା ଲୋକସେବା ଦିବସ ଭାବରେ ପାଳନ କରାଯାଇଆସୁଥିବା ବେଳେ ଏହାର ତାତ୍ପର୍ଯ୍ୟ ଏବଂ ଆଭିମୁଖ୍ୟ ସନ୍ଦର୍ଭରେ ମଞ୍ଚାସୀନ ଅତିଥିଅଧିକାରୀଗଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

**ଖୁଣ୍ଟା/କୁଆମରା :** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ଗୋପବନ୍ଧୁ ନଗର ବ୍ଲକ ପକ୍ଷରୁ ପଞ୍ଚାୟତିରାଜ ଦିବସ ବିଡିଓ



କରୁଣାକର ଧିନ୍ଦାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ରଶ୍ମିତା ଚୌଧୁରୀ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କାଙ୍କ ସମେତ ଅନ୍ୟମାନେ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ସେବା ପାଇଁ ମାନସିକତା ଓ ଦୃଷ୍ଟିକୋଣ ରହିଲେ ଲୋକସେବା ଦିବସର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ବିଡ଼ିଓ ଶ୍ରୀ ଧିନ୍ଦା କହିବା ସହିତ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବ ପାଇଁ ଲୋକପ୍ରତିନିଧିଙ୍କୁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା ପ୍ରତି ଅବଦାନ ପାଇଁ ସାମ୍ବାଦିକ ଦେବରଞ୍ଜନ ବେହେରା, ନିମାଇଁ ପ୍ରସାଦ ଦାଶ, ଦୀପକ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଶେଷରେ ଜିପିଓ ପବିତ୍ର ମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

**ମୋରଡ଼ା :** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି। ଏହି ଅବସରରେ



ଚିତ୍ରଡାସ୍ଥିତ ମୋରଡା ବ୍ଲକ କାର୍ଯ୍ୟାଳୟର କନଫରେନ୍ସ ହଲରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲାପରିଷଦ ସଭ୍ୟା ମିନାକ୍ଷୀ ସୋରେନଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ସଭାରେ ମୋରଡା ବିଡ଼ିଓ ଅଣାକର ନାଏକ, ବ୍ଲକ ଅଧ୍ୟକ୍ଷ ପିଥନାଥ ସୋରେନ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ଏଇଇ ମୋତିଲାଲ ତୁଙ୍ଗ, ଜିପିଓ ରୁପେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିଜୁ ବାବୁଙ୍କ ସମୟରେ ରାଜ୍ୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହେବା ସହିତ ଓଡ଼ିଶାକୁ ଆଗେଇ ନେବାରେ ତାଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହିତ ଓଡ଼ିଶାର ଜନସାଧାରଣଙ୍କ ସେବା କରିବା କ୍ଷେତ୍ରରେ ବହୁ ଗୁରୁତ୍ୱ ଦେଇଥିଲେ ବୋଲି କହିଥିଲେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ଖୁଣ୍ଟ :** ଶୁକ୍ରୁଳି ବ୍ଲକର ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ



୧୦୮ ତମ ଜୟନ୍ତୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ପ୍ରାଧାପକ ବଳଭଦ୍ର ଘଡ଼ାଇଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କାହ୍ନୁଚରଣ ଗିରି ସଭାପତିତ୍ୱ କରିଥିଲେ। ବିଜୁବାବୁଙ୍କ ଫୋଟଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଉପସଭାପତି ପ୍ରସନ୍ନ କୁମାର ପଣ୍ଡା, ସମ୍ପାଦକ ନଗେନ କୁମାର ପାଲ, ସହସମ୍ପାଦକ ପତି କାରୁଆ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ସମେତ କୃଷ୍ଣଚନ୍ଦ୍ର ଗିରି, କୃଷ୍ଣଚନ୍ଦ୍ର ଦେଓ, ବିଶ୍ୱନାଥ ଦେଓ, ମିତ୍ରଭାନୁ ନାଏକ, ଡ. ଚନ୍ଦ୍ରଶେଖର ଦାସ, ପ୍ରେମାନନ୍ଦ ନାଏକ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

**ରାଇରଙ୍ଗପୁର :** ଜନନାୟକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଇରଙ୍ଗପୁର ନିର୍ବାଚନ



ମଣ୍ଡଳୀ ତରଫରୁ ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ସ୍ଥାନୀୟ ଦୁର୍ଗାମଣ୍ଡପ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ପିସିଏମ୍ କଲ୍ୟାଣ ମଣ୍ଡପ ଠାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି କାଶୀନାଥ ହେମ୍ବ୍ରମ, ପୌର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ତନୁଜା ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡକ୍ଟର ଦେବାଶିଷ ମାର୍ଣ୍ଡି, ବିଜୁ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ବିଜୁ ସେତୁ ଉପଦେଷ୍ଟା ରତିକାନ୍ତ ପରୀକ୍ଷା, ପୂର୍ବତନ ଡିଏସପି ରାଇସେନ ମୁର୍ମୁ, ବରିଷ୍ଠ ନେତା ଈଶାନ ମିଶ୍ର, ସୁବାଷ ମଣ୍ଡଳ, ପୌର ଉପାଧ୍ୟକ୍ଷ ମମିତା ଚୌଧୁରୀ, ମହିଳାମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ପୂର୍ଣ୍ଣିମା ମହାନ୍ତ, ୪୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିପିକା ମଣ୍ଡଳ, ୨୫ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଭଗବତୀ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପାର୍ଥସାରଥୀ କବି, ବିଜୁ ଛାତ୍ର ସଂଗଠନ ସାଧାରଣ ସମ୍ପାଦକ ସତ୍ୟଜିତ ଦାସ, ବିଜୁ ଛାତ୍ର ସଂଗଠନ ଟାଉନ ସଭାପତି ସୌମ୍ୟ ରଞ୍ଜନ ଦାସ, ଜୋନାଲ ସମ୍ପାଦକ ବିଜୁ ଛାତ୍ର ଜନତା ଦଳ ସମିକ ଦାସ କାନୁନଗୋ, ବହଳଦା ବ୍ଲକ ଜିଲ୍ଲା ପରିଷଦ ସଭାପତି ହେମନ୍ତ କୁମାର ବେହେରା, ୨୫ ନଂ ଜୋନ କୋର୍ଡିନେଟର ଆନନ୍ଦ ସିଂ, ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ ବାବୁଲୁ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବିଜୁ ଜନତା ଦଳର ନୀତି ଆଦର୍ଶକୁ ପାଥେୟ କରି ଦଳକୁ ଅଧିକ ମଜଭୁତ କରିବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ସଂକଳ୍ପ ପାଠ କରାଯାଇଥିଲା। ବରିଷ୍ଠ ନେତା ଈଶାନ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ମହିଳାମୋର୍ଚ୍ଚା ଜିଲ୍ଲା ସଭାପତି ତନୁଜା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଜାମଦା, :** ଜାମଦା ବ୍ଲକରେ ପାଳିତ ହୋଇଯାଇଛି ପଞ୍ଚାୟତିରାଜ ଦିବସ ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ବିଡିଓଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସେହିପରି ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି।

**କରଞ୍ଜିଆ :** କରଞ୍ଜିଆ ବିଜୁ ଜନତା ଦଳ ପକ୍ଷରୁ ଆଜି ପ୍ରବାଦ ପୁରୁଷ, ଭୂମିପୁତ୍ର ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତୃବୃନ୍ଦ, ସମସ୍ତ ନେତା ଓ କର୍ମୀ ଉପସ୍ଥିତ ରହି ପ୍ରଥମେ ବିଜୁ ବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଡାକ୍ତରଖାନାରେ ରୋଗୀ ଏବଂ ଜେଲ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯିବା ପରେ କୁରୁଲିଆ ଅନାଥ ଆଶ୍ରମରେ ମିଷ୍ଟାନ୍ନ ଦିଆଯାଇଥିଲା। କରଞ୍ଜିଆ ନିର୍ବାଚନ ମଣ୍ଡଳୀର ସଂଯୋଜକ ଗିରିଧାରୀ ପୃଷ୍ଟିଙ୍କ ସଂଯାଜନାରେ ସଙ୍ଗୀତ କଲେଜ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ସହିତ ବିଜୁ ସେତୁ ଉପଦେଷ୍ଟା ଦିଲ୍ଲୀପ କୁମାର ସାହୁ, ବରିଷ୍ଠ ନେତା ବିଶ୍ୱଜିତ ଚୌଧୁରୀ, କରଞ୍ଜିଆ ପୌର ଅଧ୍ୟକ୍ଷ ପପି ପୃଷ୍ଟି, କରଞ୍ଜିଆ ବ୍ଲକ ଅଧ୍ୟକ୍ଷ ସୁଭଦ୍ରା ମାରାଣ୍ଡି, ୭ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଜ୍ୟୋତ୍ସ୍ନା ରାଣୀ ନାଏକ, ଯୁବନେତା ଅନିସ୍ ମାନ୍ନା, ରହିତ ପୃଷ୍ଟି, ମହିଳା ନେତ୍ରୀ ଖୁଲଣା ସାହା, କରଞ୍ଜିଆ ପୌର ପରିଷଦର ଉପାଧ୍ୟକ୍ଷ ସ୍ୱରୂପକୁମାର୍ ପରିଜା, ନମିତା ଘଣ୍ଟିଆଲି ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ମହାନାୟକ ବିଜୁ ବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ମାଧ୍ୟମରେ ଆଲୋକାତ କରିଥିଲେ।

**ବାଙ୍ଗିରିପୋଷି :** ପ୍ରବାଦ ପୁରଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ବାଙ୍ଗିରିପୋଷି ବ୍ଲକ ବିଜେଡି ପକ୍ଷରୁ ମଙ୍ଗଳବାର ପାଳିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବୋଧ ମାର୍ଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ବିଭାଗର ମନ୍ତ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବାଙ୍ଗିରପୋଷି ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ହେମ୍ବ୍ରମ, ଉପାଧ୍ୟକ୍ଷ ରତିକାନ୍ତ ସିଂ, ଜିଲ୍ଲାପରିଷଦ ସଭ୍ୟ ରାମଚନ୍ଦ୍ର ମୁର୍ମୁ, ଜିଲ୍ଲାପରିଷଦ ସଭ୍ୟା ପାର୍ବତୀ ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟନାଥ ମାର୍ଣ୍ଡି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

ସେହିପରି ସକାଳେ ବିଜେଡି ବିଜେଡି କାର୍ଯ୍ୟାଳୟ ନିକଟରେ ବିଜୁ ବାବୁଙ୍କ ଫୋଟଚିତ୍ର ରଖି ମାଲ୍ୟାର୍ପଣ କରାଯାଇଥିଲା। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରରେ ବିଶ୍ୱଜିତ ଶର୍ମା, ମନରଞ୍ଜନ ବାରିକ, ନିଶିକାନ୍ତ ଦାସ, ସୁଭାଶିଷ ମହାପାତ୍ର, ସମ ମହାନ୍ତି, ଭାସ୍କର ମହାନ୍ତ, ମତିଲାଲ ଦାସ ପ୍ରମୁଖ ସହିତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ଠାକୁରମୁଣ୍ଡା :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜନ୍ମ ଦିବସ ବ୍ଲକ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତିରାଜ ତଥା ଲୋକ ସେବା ଦିବସ ପାଳନ ହୋଇଛି। ବିଡ଼ିଓ ସ୍ୱପନେଶ୍ୱର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଦସ୍ୟ ପହ୍ଲାଦ ମଢେଇ, ନନ୍ଦକିଶୋର ବାରିକ, ସହକାରୀ ଯନ୍ତ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କର୍ମୀମାନେ ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସହିତ ବିଜୁ ବାବୁଙ୍କ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏପିଓ ଧ୍ୟାନଚାନ୍ଦ ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ଜେଇ, ଜିଆରଏସ ଓ ଏମବିକେ, ସମିତି ସଭ୍ୟ ସଭ୍ୟା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।









## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

**ବେତନଟୀ, ୫।୩(ସମିସ):** ବେତନଟୀ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ ଫେବୃଆରୀ ୨୯ତାରିଖ ସକାଳେ ଯୁବତୀ ଜଣକ ଆମ୍ବବାଗାନକୁ ଶୁଖିଲାକାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ସେହି ଗ୍ରାମର ଜଣେ ଯୁବକ ଅଶ୍ଲୀଳ ଇଙ୍ଗିତ କରିଥିଲା। ଯୁବତୀ ଜଣକ ଏହାକୁ ବିରୋଧକରି ସେଠାରୁ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଅଟକାଇ ଅସଦାଚରଣ କରିଥିଲା। ପରେ ପୀଡ଼ିତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲା। ପୀଡିତା ଜଣକ ପ୍ରତିବାଦ କରି ଚିତ୍କାର କରିବାରୁ ଅଭିଯୁକ୍ତ ଜଣକ ପାଟିରେ ମୁହଁକୁ ବନ୍ଦ କରିଦେଇଥିବା ନେଇ ପୀଡିତା ଏତଲାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିବାର ହତ୍ୟା ଧମକ ମଧ୍ୟ ଦେଇଥିଲା। ଘଟଣା ସମ୍ପର୍କରେ ପୀଡିତା ଘରେ ଜଣାଇବା ପରେ ଗାଁରେ ବୈଠକ ବସିଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ମଙ୍ଗଳବାର ସନ୍ଧ୍ୟାରେ ପୀଡିତା ଜଣକ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

## 'ମାରିସା'ର ତାଲାବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

**ବାରିପଦା, ୫।୩(ସମିସ):** ଏମପିସି ସ୍ୱୟଂଶାସିତ ସମେତ ରାଜ୍ୟର ୪ଟି ଶିକ୍ଷାନୁଷ୍ଠାନର ଇଣ୍ଟିଗ୍ରେଟେଡ ବିଏଡ୍ (ବ୍ୟାଚଲର୍ ଅଫ୍ ଏଜୁକେସନ) ପ୍ରମାଣପତ୍ରକୁ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମଆରଏସ) କର୍ତ୍ତୃପକ୍ଷ ଗ୍ରହଣ କରିବେ। ଇଏମଆରଏସ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଲୋଚନା କରିଛନ୍ତି। ଯେଉଁ ପ୍ରାର୍ଥୀମାନେ ଇଏମଆରଏସର ନିଯୁକ୍ତି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ବିଦ୍ୟାର୍ଥୀଙ୍କୁ ନିଯୁକ୍ତି ମିଳିବ। ଭବିଷ୍ୟତରେ ଏହି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ଇଏମଆରଏସ ଭଳି ନବୋଦୟ ବିଦ୍ୟାଳୟ ସଙ୍ଗଠନ ଓ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ) ଦ୍ୱାରା ଅନୁମୋଦିତ ସମସ୍ତ ଶିକ୍ଷାନୁଷ୍ଠାନର ଇଣ୍ଟିଗ୍ରେଟେଡ ପ୍ରମାଣପତ୍ର ଗ୍ରହଣ କରାଯିବା ନେଇ ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ ବୋଲି ସୋମବାର ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ଯୁଥ୍ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ଏବଂ ରବିବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ତେଣୁ ୬ ତାରିଖରେ ହେବାକୁ ଯାଉଥିବା କଲେଜ୍ ତାଲାବନ୍ଦ ଆନ୍ଦୋଳନକୁ ପ୍ରତ୍ୟାହାର କରାଯାଇଛି ବୋଲି ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ସୂଚନା ଦେଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏ ବିଷୟରେ ୟୁଜିସି, ଇଏମଆରଏସ ଅଧ୍ୟକ୍ଷ ଏବଂ ଶିକ୍ଷା ମନ୍ତ୍ରଣାଳୟକୁ ଚିଠି କରାଯାଇଛି। ଜନଜାତି ମନ୍ତ୍ରଣାଳୟ ଅଧୀନସ୍ଥ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରେଭେନ୍ସା ସମେତ ଅନ୍ୟ ୪ଟି ଶିକ୍ଷାନୁଷ୍ଠାନରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ବହୁ ବିଦ୍ୟାର୍ଥୀ ଆବେଦନ କରିଥିଲେ। କୃତୀ ପରୀକ୍ଷାର୍ଥୀଙ୍କ ଫେବୃଆରୀ ୧ରେ ପ୍ରମାଣ ପତ୍ର ଯାଞ୍ଚ ହୋଇଥିଲା। ସେମାନଙ୍କୁ ଇଣ୍ଟିଗ୍ରେଟେଡ୍ ବିଏଡ୍ ପ୍ରମାଣ ପତ୍ରକୁ ତ୍ରୁଟିପୂର୍ଣ୍ଣ ବୋଲି କୁହାଯାଇଥିଲା। ଜଣେ ପ୍ରାର୍ଥୀଙ୍କର ସ୍ନାତକ ଡିଗ୍ରୀ ସହ ଦୁଇ ବର୍ଷ ମଧ୍ୟରେ ୨ଟି ମନୋନୀତ ବିଷୟରେ ଶିକ୍ଷାଗ୍ରହଣ ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ କୁହାଯାଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ୍ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା।

## ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ବେତନଟୀ, ୫।୩(ସମିସ):** ବେତନଟୀ ଥାନା ବଡ଼ଜାମବଣି ଫାଣ୍ଡି ଅଧୀନ କଲରାଫୁଲିଆ ଛକରେ ମଙ୍ଗଳବାର ପୂର୍ବାହ୍ନରେ ଏକ ବାଇକ୍ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବେତନଟୀ ଥାନା ଅଧୀନ ମାଝୀଆଣି ଗ୍ରାମର ଫାଗୁ ହେମ୍ବ୍ରମ (୭୮)। ସେ ବାରମାଇଲ ସାପ୍ତାହିକ ହାଟକୁ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଫାଗୁଙ୍କୁ କିଷାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲ। ପରେ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

● ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ

# ଯଶିପୁର, ହାଟବାଦଡା ଓ ଅଙ୍ଗାରପଦା ପଞ୍ଚାୟତ ପୁରସ୍କୃତ

ବାରିପଦା, ୫ ।୩(ସମିସ): ମହାନ ଜନନାୟକ, ଆଧୁନିକ ଓଡ଼ିଶାର ଖାରବେଳ, ଭୂମିପୁତ୍ର ତଥା କଳିଙ୍ଗ ବୀରପୁତ୍ର ବିଜୁ ପଟ୍ଟନାୟକଙ୍କ ଜନ୍ମତିଥି ଅବସରରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ବିଷୟରେ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ସମସ୍ତ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଜନୀକାନ୍ତ ସ୍ୱାଇଁ କହିଥିଲେ ଯେ, ଗଣତନ୍ତ୍ରରେ ଜନସାଧାରଣଙ୍କୁ ଯେଭଳି ବିଭିନ୍ନ ସରକାରୀ ସେବା ସୁବିଧାରେ ମିଳିପାରିବ ତାହା ସରକାରଙ୍କ ବଡ ଦାୟିତ୍ୱ । ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ରାସ୍ତାଘାଟଠାରୁ ଆରମ୍ଭ କରି ପକ୍କା ଘର, ପାନୀୟ ଜଳ ଯୋଗାଣ ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଛି । ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥାକୁ ପହଞ୍ଚାଇବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସେତେବେଳେ ଓଡ଼ିଶାର ଜିଲ୍ଲା ସଂଖ୍ୟାକୁ ୩୦ରେ ପହଞ୍ଚାଇବା ପାଇଁ ଯେଉଁ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ନେଇଥିଲେ ତାହାର ଆବଶ୍ୟକତା କେତେ ଅଧିକ ଥିଲା ତାହା ଆଜି ଅନୁଭବ କରି ହୁଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ମୁଖ୍ୟଅତିଥି ରୂପେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସାହସିକତା ଏବଂ ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ତାଙ୍କର ବିଶେଷ ଅବଦାନ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରିପଦା ଆଇଟିଡ଼ିଏର ପ୍ରକଳ୍ପ ପ୍ରଶାସକ ରାମଚନ୍ଦ୍ର ସୋରେନ କହିଥିଲେ ଯେ, ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାକୁ ପ୍ରଗତି ପଥରେ ଅଗେଇ ନେଇଥିଲେ ଓ ତାଙ୍କ ସ୍ୱପ୍ନର ସୁଦୃଢ, ଶସକ୍ତ ଏବଂ ରୂପାନ୍ତରିତ ଓଡ଼ିଶା ଗଠନ ନିମନ୍ତେ ସମସ୍ତେ ଆଗେଇ ଆସିବାକୁ କାମନା କରିଥିଲେ । ମୁଖ୍ୟବକ୍ତାଭାବେ ଡିଆ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେଉଥିବା କହିଥିଲେ । ଏହିସବୁ କାର୍ଯ୍ୟର ସଫଳତା ଗ୍ରାମରେ ଅନେକ ପରିବର୍ତ୍ତନ ଆଣିପାରିଛି ଏବଂ ଗାଁର ରୂପାନ୍ତର ହୋଇଛି ବୋଲି କହିଥିଲେ । ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଏବଂ ଶିଳ୍ପ ଭିତ୍ତିଭୂମିର ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନକୁ ଏ ଜାତି ସବୁଦିନ ମନେ ରଖିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହା ପରେ ଜିଲ୍ଲାସ୍ତରୀୟ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ଯଶିପୁର (ଯଶିପୁର ବ୍ଲକ), ହାଟବାଦଡା (କୁସୁମୀ ବ୍ଲକ) ଓ ଅଙ୍ଗାରପଦା (ରରୁଆଁ ବ୍ଲକ)କୁ ମିଳିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ବିଭାଗୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।



# ଦୁଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ବଦଳି

ବାରିପଦା, ୫ ।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗର ଦୁଇ ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ହୋଇଛି । ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତିଙ୍କର ପଦୋନ୍ନତି ହୋଇ କୋରାପୁଟ ଜିଲ୍ଲାର ଜିଲ୍ଲା ଶିକ୍ଷା ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକଙ୍କ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ବଦଳି କରାଯାଇଛି । ସେମାନଙ୍କ ସ୍ଥାନରେ ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ଓ ଯାଜପୁର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂଙ୍କ ବଦଳି ହୋଇଛି । ଯଥାଶୀଘ୍ର ନୂତନ ସ୍ଥାନରେ ଯଥାଶୀଘ୍ର ଯୋଗ ଦେବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ବିଶ୍ୱ ପ୍ରାଣୀ ଦିବସରେ ପରିବେଶବିତ୍ ପୁରସ୍କୃତ




କଳାବାଡିଆ/ବାଙ୍ଗିରିପୋଷି, ୫ ।୩(ସମିସ): ବାଙ୍ଗିରିପୋଷିର ପରିବେଶବିତ ସଂଯୁକ୍ତା ବସାଙ୍କୁ ବିଶ୍ୱ ପ୍ରାଣୀ ଦିବସରେ ଭୁବନେଶ୍ୱର ଜୟଦେବ ଭବନରେ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । ଜୟଦେବ ଭବନର 'ଏଭରଗ୍ରୀନ ଫୋରମ ଓ ଇଣ୍ଡିଆନ ଚାମ୍ବର ଅଫ କମର୍ସ' ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ଦିବସ ପାଳନ ଅବସରରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ତାଙ୍କୁ ରାଜ୍ୟସ୍ତରରେ ପୁରସ୍କୃତ କରାଯାଇଛି । ଗତ ୩ ତାରିଖ ବିଶ୍ୱବନ୍ୟ ପ୍ରାଣୀ ଦିବସରେ ପ୍ରଧାନ ଓ ମୁଖ୍ୟ ବନସଂରକ୍ଷକ ଦେବିଦତ୍ତ ବିଶ୍ୱାଳଙ୍କ ଦ୍ୱାରା ପୁରସ୍କୃତ ହେଇଛନ୍ତି । ଏଭରଗ୍ରୀନ ଫୋରମ ଓ ଆଇସିସି ତରଫରୁ ତାଙ୍କୁ ୧୦ହଜାର ଟଙ୍କାର ଚେକ ସହ ସାର୍ଟିଫିକେଟ ଓ ଉପଢୌକନ ପ୍ରଦାନ କରାଯାଇଛି ।

# ଯୁବ କ୍ରିକେଟରଙ୍କ ଅକାଳ ବିୟୋଗ



ବହଳଦା, ୫।୩(ସମିସ): ବହଳଦାବଜାରରଜଣେଉଦୀୟମାନ ଯୁବ କ୍ରିକେଟରଙ୍କ ଅକାଳ ବିୟୋଗ ଘଟିଛି । ସମରଞ୍ଜନ ଦିକ୍ଷୀତ ଓରଫ ଧନୀ ମଙ୍ଗଳବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଛି । ପୁଲିସ ଏକ ମାମଲା ରଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ପଠାଇଛି । ଧନୀଙ୍କ ଭଳି ଜଣେ ଉଦୀୟମାନ ଖେଳାଳିଙ୍କ ଅକାଳ ମୃତ୍ୟୁକୁ ନେଇ ସମଗ୍ର ବହଳଦାରେ ଶୋକର ଛାୟା ଖେଳିଯାଇଛି । ସେ ପୂର୍ବରୁ ଦିଲ୍ଲୀର ଏକ ପ୍ରତିଷ୍ଠିତ କ୍ରିକେଟ ଏକାଡେମୀରେ ନାମ ଲେଖାଇଥିଲେ ।

# ମହିଳା ମୋର୍ଚ୍ଚା ପକ୍ଷରୁ ନାରୀ ଶକ୍ତି ବନ୍ଦନ ଯାତ୍ରା

ରାଇରଙ୍ଗପୁର, ୫ ।୩(ସମିସ): ଭାରତୀୟ ଜନତା ପାର୍ଟି ଆନୁକୂଲ୍ୟରେ ମହିଳା ମୋର୍ଚ୍ଚାର ନାରୀ ଶକ୍ତି ବନ୍ଦନ ଯାତ୍ରା ଏକ ଶୋଭାଯାତ୍ରାରେ ବାହାରି ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ନାରୀମାନେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା । ଶୋଭାଯାତ୍ରାରେ ଉଜ୍ଜ୍ୱଳା ଗ୍ୟାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜନଧନ ଯୋଜନା, ପ୍ରତି ଘର ପାନୀୟ ଜଳ ଯୋଜନା, ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍, ବେଟୀ ବଚାଓ ବେଟୀ ପଢ଼ାଓ, ନାରୀମାନଙ୍କ ନିମନ୍ତେ ୩୩ ଶତକଡା କୋଟା ଆଦି ଯୋଜନାକୁ ଜନସଚେତନତା କରିଥିଲେ । ଏଥିରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସୋନାଲି ବିଜୟଲକ୍ଷ୍ମୀ ମହାନ୍ତି, ବିଧାୟକ ନବ ଚରଣ ମାଝୀ, ରାଜ୍ୟ ସମ୍ପାଦକ ନବୀନ ରାମ, ରାଜ୍ୟ ଏସ୍‌ଟି ମୋର୍ଚ୍ଚା କାର୍ଯ୍ୟକାରିଣୀ ଫାଗୁରାମ ମାର୍ଣ୍ଡି, ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ବିଜୁ ଗୋପାଳ ଗୋପ, ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ଟାଉନ ସଭାପତି ମିଥିଳା ଟୁଡୁ, ଲଳିତା ବିନ୍ଧାଣୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଶାନ୍ତିଶୃଙ୍ଖଳାର ସହ ଶେଷହେଲା ମାଟ୍ରିକ ପରୀକ୍ଷା

କରଞ୍ଜିଆ, ୫।୩(ସମିସ): ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହିତ ମାଟ୍ରିକ ପରୀକ୍ଷା ଶେଷ ହୋଇଛି । କରଞ୍ଜିଆ ନୋଡାଲ ସେଣ୍ଟର ଅଧୀନରେ ମୋଟ ୧୨୯୩ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ୭ଟି ସେଣ୍ଟର ହୋଇଥିଲା । କରଞ୍ଜିଆ ଉଚ୍ଚ ବିଦ୍ୟାଳୟରୁ ୧୭୦, କରଞ୍ଜିଆ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୧୩୭, ରସମତୋଳା ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୭ ଜଣ, ଡାଟ ସରକାରୀ ଉଚ୍ଚବିଦ୍ୟାଳୟରେ ୧୬୪, ଡାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୧୫ ଜଣ, ଖଜୁରିସାଗର ଉଚ୍ଚ ବିଦ୍ୟାଳୟରେ ୧୬୦ ଜଣ ଓ ସିଙ୍ଗଡା ଉଚ୍ଚ ବିଦ୍ୟାଳରେ ୨୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ନୋଡାଲ ଅଧିକାରୀ ଚତୁର୍ଭୁଜ ବାରିକ ସୂଚନା ଦେଇଛନ୍ତି ।

# ବେତନଟୀ କୋର୍ଟ ବିଲ୍ଡିଂ ଜୁନ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

ବେତନଟୀ, ୫ ।୩(ସମିସ): ସୋମବାର ଅପରାହ୍ନରେ ବେତନଟୀ ଉପକଣ୍ଠ ପଣ୍ଡୁଗଡ଼ିଆରେ ନିର୍ମାଣାଧୀନ ଜେଏମଏଫସି କୋର୍ଟର କୋଠାକାମ ତଦାରଖ କରିଛନ୍ତି ଜିଲ୍ଲାଜଜ୍ ଅରବିନ୍ଦ ପଟ୍ଟନାୟକ । ପଣ୍ଡୁଗଡ଼ିଆ ମୌଜାରେ ୩ଏକର ଜମିରେ ଏହି ବିଲ୍ଡିଂ ନିର୍ମାଣ ଚାଲିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ନିରୀକ୍ଷଣରେ ବିଲ୍ଡିଂର ବ୍ୟୟଅଟକଳ ୩କୋଟି ୬୦ଲକ୍ଷ ଟଙ୍କା ରହିଥିବା ବେଳେ ଏହାର ପ୍ରମୁଖ କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ନିର୍ମାଣ କାମର ଅଗ୍ରଗତି ଏବଂ ବିଲ୍ଡିଂର ଆନୁଷଙ୍ଗିକ ବିଧିବ୍ୟବସ୍ଥାର ଯାଞ୍ଚ କରିଥିଲେ । ତାଙ୍କ ସହିତ ରେଜିଷ୍ଟ୍ରାର ଆଶିଷ ପରିଚ୍ଛା, ପରିବାର ଅଦାଲତର ବିଚାରପତି ବିରଞ୍ଚିନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଜୁନ ସୁଦ୍ଧା କାର୍ଯ୍ୟ ବିଲ୍ଡିଂର ନିର୍ମାଣ ଶେଷ କରିବାକୁ ବିଚାରପତି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

# ୯ ରୁ ଏକାଦଶତମ ଖିଚିଂ ମହୋତ୍ସବ



ଶୁକୁଳି, ୫ ।୩(ସମିସ): ଆସନ୍ତା ୯ ତାରିଖରୁ ମୟୂରଭଞ୍ଜ ଜିଲ୍ଲାର ଐତିହାସିକ ତଥା ଶକ୍ତି ପୀଠ ଖିଚିଂରେ ଏକାଦଶତମ ମହୋତ୍ସବ ଆରମ୍ଭ ହେଉଛି । ଫଳରେ ଶକ୍ତି ପୀଠ ଚଳଚଞ୍ଚଳ ହୋଇଉଠିଛି । ପ୍ରସିଦ୍ଧ ମା' କୀଚକେଶ୍ୱରୀ ମନ୍ଦିରର ଜାଗର ମେଳା ଏଠାରେ ବେଶ୍ ଆଦୃତ । ଚଳିତ ବର୍ଷ ଜାଗର ମେଳା ଅବସରର ଏକାଦଶତମ ମହୋତ୍ସବ ଚଳିତ ମାସ ୯ ତାରିଖ ଶନିବାରଠାରୁ ୧୧ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହେବ । ଏହି ଅବସରରେ ଅଞ୍ଚଳର କଳା ସଂସ୍କୃତିକୁ ନେଇ ଏକ ସ୍ମରଣିକା ପ୍ରକାଶ ପାଉଛି । ଏହି ମହୋତ୍ସବକୁ ଅଧିକ ସରସ ସୁନ୍ଦର ତଥା ଆକର୍ଷଣୀୟ କରିବା ନିମନ୍ତେ ଲୋକ ସଂସ୍କୃତି ବିଭାଗ ଓଡ଼ିଶା ସରକାର, ସ୍ଥାନୀୟ ପ୍ରଶାସନ ଏବଂ ମନ୍ଦିର ପରିଚଳନକ୍ଷ ସମିତିର ମିଳିତ ଉଦ୍ୟୋଗରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଧାର୍ଯ୍ୟ କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ପାଇକ ନୃତ୍ୟ, ସମ୍ବଲପୁରୀ, ଓଡ଼ିଶୀ, ଢେମସା, ଛଉ ଆଦି ପରିବେଷଣ ହେବ । ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ସ୍ୱାଗତ ଜଣାଇବା ନିମନ୍ତେ ମହୋତ୍ସବ ପରିଚଳନା ସମିତି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ସମ୍ପାଦକ ସୁମନ୍ତ କୁମାର ଗିରି ପ୍ରକାଶ କରିଛନ୍ତି ।

# ମଛପଦାରେ ନିର୍ମାଣ ହେବ ପାସେଞ୍ଜର ହଲ୍ଟ

ବୈଶିଙ୍ଗା, ୫।୩(ସମିସ): ମଛପଦାଠାରେଦକ୍ଷିଣପୂର୍ବରେଳପଥର ଖଡ଼ଗପୁର ରେଳ ମଣ୍ଡଳ ଅନ୍ତର୍ଗତ ରୂପସା-ବାଙ୍ଗିରିପୋଷି ରେଳ ସେକ୍ସନ ମଧ୍ୟରେ ଥିବା ଏକ ନୂତନ ଷ୍ଟେସନ ପାଇଁ ସ୍ଥାନୀୟବାସିନ୍ଦାଙ୍କ ଦୀର୍ଘ ଦିନ ଧରି ଦାବି ରହିଥିଲା । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ଜାନୁଆରୀରେ ଏହି ଅଞ୍ଚଳ ଗସ୍ତ ସମୟରେ ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ଏ ନେଇ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ଶେଷରେ ଦାବିକୁ ମାନି ନେଇଛି ରେଳବିଭାଗ । ମଛପଦାଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ରେଳ ବୋର୍ଡରୁ ଅନୁମତି ମିଳିଥିବା ବେଳେ ଏଥିପାଇଁ ଅର୍ଥ ମଧ୍ୟ ମଞ୍ଜୁର ହୋଇଯାଇଛି । ରେଳବାଇ ପକ୍ଷରୁ ୨ କୋଟି ୧୬ ଲକ୍ଷ ୬୦ ହଜାର ୬୬୭ ଟଙ୍କା ବ୍ୟୟ ବରାଦରେ ଏହି ଷ୍ଟେସନ ନିର୍ମାଣ ହେବା ଫଳରେ ଆଖପାଖ ୧୦ଟି ପଞ୍ଚାୟତର ଲୋକଙ୍କ ରେଳସେବା ସୁଗମ ହେବ ।

# ଭର୍ଚୁଆଲରେ ଜିଲ୍ଲାପାଳଙ୍କ ନିର୍ବାଚନ ସଂକ୍ରାନ୍ତ ବୈଠକ

ବେତନଟୀ, ୫ ।୩(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ୍ଧ ସୋମବାର ଅପରାହ୍ନରେ ଭର୍ଚୁଆଲରେ ଆୟୋଜିତ ଏକ ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ବେତନଟୀ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ଭିଡିଓ କନଫରେନ୍ସିଂ ହଲରେ ଆୟୋଜିତ ବୈଠକରେ ବିଡିଓ ଡ. ଅମୃତ କୁମାର ରାଉଳ, ପୁଲିସ ଉପଖଣ୍ଡ ଅଧିକାରୀ ଏସଡିପିଓ ସୁଦର୍ଶନ ଦାଶ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ଦାସ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବୈଶିଙ୍ଗା ଆଇଆଇସି ତପନ କୁମାର ପ୍ରଧାନ, ଦୁଇଜଣ ଏବିଇଓ ରମାକାନ୍ତ ମହାନ୍ତ, ଗୋପାଳଚନ୍ଦ୍ର ସେନାପତିଙ୍କ ସମେତ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ, କନିଷ୍ଠଯନ୍ତ୍ରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ବେତନଟୀ ବ୍ଲକ ଅଧୀନ ସମସ୍ତ ବୁଥଗୁଡିକରେ ଆବଶ୍ୟକ ସୁରକ୍ଷା ବନ୍ଦୋବ୍ୟସ୍ତ ସାଙ୍ଗକୁ ପୁଲିଂପାର୍ଟି କିଭଳି ସ୍ୱାଭାବିକ ତଥା ଶୃଙ୍ଖଳିତ ଭାବରେ ମତଦାନ ପ୍ରକ୍ରିୟାକୁ ସମ୍ପାଦନ କରିପାରିବେ ସେନେଇ ଆଲୋଚନା କରାଯାଇଥିଲା । ମୋଡେଲବୁଥ, ସକ୍ଷୀବୁଥ ସମେତ ମୋଟାମୋଟି ଭାବରେ ସମଗ୍ର ନିର୍ବାଚନ ପ୍ରକ୍ରିୟା ସମୟରେ ଶୃଙ୍ଖଳା ଏବଂ କଡାକଡି ସୁରକ୍ଷାବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଆଗକୁ ମଧ୍ୟ ନିର୍ବାଚନ ପ୍ରକ୍ରିୟା ସହିତ ଅଧିକାରୀ ଏବଂ କର୍ମଚାରଙ୍କୁ ନେଇ ଭର୍ଚୁଆଲ ବୈଠକର ଆୟୋଜନ କରାଯିବ ବୋଲି ଜିଲ୍ଲପାଳ ସୂଚନା ଦେଇଥିଲେ ।



# ହିଙ୍ଗୁଳା ମେଳାରୁ ୧୨.୩୩ ଲକ୍ଷ ଆୟ

ବଡ଼ସାହି, ୫।୩(ସମିସ): ବଡସାହି ବ୍ଲକ ସୁହାଗପୁର କଉଡିଖଣୀ ମା' ହିଙ୍ଗୁଳାଙ୍କ ବଡପୂଜା ଓ ୭ ଦିନ ଧରି ମେଳା ଶାନ୍ତିଶୃଙ୍ଖଳାରସହିତଶେଷହୋଇଛି । ସେଥିପାଇଁ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ସୁନୀଲ କୁମାର ଦାଶ ସମସ୍ତ କର୍ମକର୍ତ୍ତା, ଶ୍ରଦ୍ଧାଳୁ ଓ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ମେଳାରେ ଦାନ ଦକ୍ଷିଣା ଓ ଦୋକାନୀଙ୍କ ସହାୟତାରେ ଯେଉଁ ଅର୍ଥ ଆୟ ହୋଇଛି ତାର ହିସାବ ନିକାଶ ଓ ଆୟବ୍ୟୟର ଅଟକଳ ପାଇଁ ମୁଖ୍ୟଟ୍ରଷ୍ଟି ଶ୍ରୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସଦସ୍ୟମାନେ ଉପସ୍ଥିତ ହୋଇ ଆୟବ୍ୟୟର ହିସାବ ସହିତ ମାଙ୍କ ପାଇଁ ଆୟ ହୋଇଥିବା ସମସ୍ତ ଆର୍ଥିକ ଅନୁଦାନକୁ ଗଣତି କରିଥିଲେ । ଏଥିରେ ଚଳିତ ବର୍ଷ ମୋଟ ୧୨ ଲକ୍ଷ ୩୩ ହଜାର ୪୪୩ଟଙ୍କା ଆୟ ହୋଇଥିବାର ମୁଖ୍ୟ ଟ୍ରଷ୍ଟି ଶ୍ରୀ ଦାଶ ସୂଚନା ଦେଇଥିଲେ । ଚଳିତ ବର୍ଷ ମେଳାରେ ୭ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା ।

# ଲଡୁକେଶର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭ୍ୟ ମନୋନୀତ

ବାରିପଦା, ୫ ।୩(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭ୍ୟଭାବେ ଲଡୁକେଶର ରଣା ମନୋନୀତ ହୋଇଛନ୍ତି । ଏନେଇ ବାରିପଦା ସ୍ଥିତ ସଂସ୍କୃତି ଭବନରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବଙ୍କ ପ୍ରତ୍ରର ବିଜ୍ଞପ୍ତିରେ ମୟୂରଭଞ୍ଜ ଜିଲ୍ଲାରୁ ଛଉନୃତ୍ୟର ପ୍ରତିନିଧି ଭାବେ ଲଡୁକେଶ୍ୱର ରଣାଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭ୍ୟ ଭାବେ ମନୋନୀତ କରିଛନ୍ତି । ଏହି ସୂଚନା ପାଇଁ ଛଉ କଳାକାର ମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଏ ନେଇ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲା ସଂସ୍କୃତି ଭବନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ ଶ୍ରୀ ରଣାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଉତ୍ତରସାହି ଓ ଦକ୍ଷିଣସାହିର ଗୁରୁ ଲୋକନାଥ ଦାସ, ବନରୂପା ମହାନ୍ତି, ସଞ୍ଜିତ ଘଡ଼େଇ ତଥା ଦେବନାରାୟଣ ଧଡ଼ା ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏଥି ସହିତ ଉଭୟ ସାହିର କଳାକାରବୃନ୍ଦ ରାନୀ ଦାସ, ଶର୍ମିଷ୍ଠା ପଣ୍ଡା, ଆଦ୍ୟାଶା ସିଂହରାଏ, ତସ୍ୱି ପ୍ରବୀନ, ତାରକ ନାଥ ଦାସ, ସୁଶାନ୍ତ ବେହେରା, କାର୍ତ୍ତିକ ଘଡ଼େଇ, ପ୍ରଶାନ୍ତ ଦାସ ପ୍ରମୁଖ ଶ୍ରୀ ରଣାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶେଷରେ ଶ୍ରୀ ଲଡୁକେଶ୍ୱର ରଣା ତାଙ୍କ ସଭ୍ୟ ପଦ ପାଇଁ ସମସ୍ତ ଶ୍ରେୟ ରାଜ୍ୟ ସରକାରଙ୍କ ସହିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ ରଥଙ୍କୁ ପ୍ରଦାନ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅନୁସୂଚିତ ଜନଜାତି ପ୍ରତିନିଧିଙ୍କୁ ନେଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



କପ୍ତିପଦା, ୫।୩(ସମିସ): କପ୍ତିପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁସୂଚିତ ଜନଜାତିର ପ୍ରତିନିଧିଙ୍କୁ ନେଇ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୨୬ଟି ପଞ୍ଚାୟତରୁ ୱାର୍ଡସଭ୍ୟ, ସରପଞ୍ଚ, ସମିତି ସଭ୍ୟଙ୍କୁ ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ କପ୍ତିପଦା ବିଡ଼ିଓ ସିଦ୍ଧେଶ୍ୱର ନାୟକ ଉଦଘାଟନ କରିବା ସହିତ ନିର୍ବାଚିତ ପ୍ରତିନିଧିଙ୍କୁ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ଭୂମିକା, ଦାୟିତ୍ୱ, ବିକାଶ କ୍ଷେତ୍ରରେ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏବିଡିଓ ବିଦ୍ୟାଭାରତୀ ନାଏକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରଶିକ୍ଷକ ଭାବେ ଆଶିଷ କୁମାର ମଲ୍ଲିକ ଓ ମଳୟ କୁମାର ସେନ ଯୋଗଦେଇ ୨୮ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜନଜାତିର ପ୍ରତିନିଧିଙ୍କୁ ତାଲିମ ଦେଇଥିଲେ । ସମାଜମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ ।

# ଦୋକାନୀ ଓ ଯାତ୍ରୀଙ୍କୁ ଆକ୍ରମଣ କଲା ବାଘୁଆ ମହୁମାଛି

ବେତନଟୀ, ୫ ।୩(ସମିସ): ବେତନଟୀ ବଜାରର ବଙ୍ଗଳା ଛକରେ ବସକୁ ଅପେକ୍ଷା କରିଥିବା ଯାତ୍ରୀଙ୍କ ସମେତ କିଛି ଦୋକାନୀଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କଲା ବାଘୁଆ ମହୁମାଛି । ବଙ୍ଗଳାଛକ ପୂର୍ତ୍ତବିଭାଗ କାର୍ଯ୍ୟାଳୟ ପରିସରସ୍ଥ ଅଶ୍ୱତ୍ଥ ଗଛରେ ଏକ ବିଶାଳ ବାଘୁଆ ମହୁଫେଣା ରହିଛି । ଅଧିକାଂଶ ସମୟରେ ଲୋକେ ପଥର ମାରିବାରୁ ସଂଘବଦ୍ଧ ଆକ୍ରମଣ କରିଥାନ୍ତି । ନିକଟରେ ବାରିପଦା, ବାଲେଶ୍ୱର ତଥା ଅନ୍ୟାନ୍ୟ ସ୍ଥାନକୁ ଯିବାପାଇଁ ବସକୁ ଅପେକ୍ଷା କରିଥିବା ଯାତ୍ରୀମାନେ ଆକ୍ରମଣର ଶୀକାର ହୋଇଥାନ୍ତି । ଏଭଳି ସମସ୍ୟା ନୂଆ ନୁହଁ ବରଂ ଦୀର୍ଘବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିବା ବଙ୍ଗଳା ଛକର ଦୋକାନୀମାନେ ପ୍ରକାଶ କରିଛନ୍ତି । ଅଧିକାଂଶ ସମୟରେ ଯାତ୍ରୀ ଏବଂ ପଥଚାରୀ ବାଘୁଆ ମହୁମାଛି ଆକ୍ରମଣରେ ଗୁରୁତର ହେଉଛନ୍ତି । ମାତ୍ର ପୂର୍ତ୍ତବିଭାଗ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଥିବା ମହୁଫେଣାକୁ ଅପସାରଣ କରିବାରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ତ୍ୟାଗ ଓ ସାଧୁତା ରହିଲେ ସଫଳତାର ଶିଖରକୁ ଛୁଇଁହେବ

ବଡସାହି, ୫।୩(ସମିସ): ଗୁରୁଙ୍କ ଉପଦେଶ ମାନି ଶୃଙ୍ଖଳାର ସହ ଛାତ୍ରଛାତ୍ରୀମାନେ ନିଜର ଲକ୍ଷ୍ୟ ପଥରେ ଆଗେଇଯିବା ଉଚିତ୍ । ସେଥିପାଇଁ ଆମ ଭାରତୀୟ ପାରମ୍ପରାରେ ଶ୍ରଦ୍ଧା ବିଶ୍ୱାସରେ ଗୁରୁଙ୍କୁ ଉଚ୍ଚ ଆସନ ଦିଆଯାଇଅଛି । ତ୍ୟାଗ, ସୁରୁଚି, ସୁନୀତି, ସାଧୁତା ଓ ସମର୍ପଣ ଭାବ ରହିଲେ ସଫଳତାର ଶିଖରକୁ ଛୁଇଁ ହେବ ବୋଲି ଯୋଗୀନୂଆଗାଁ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉତ୍ସବରେ ବାଗୁଲି ଆଶ୍ରମର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ରୂପେ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ମୁଖ୍ୟବକ୍ତା ଭାବେ ଏସଏସଡି ଡିଆଇ ମାନସ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ନବୀନ ମହାନ୍ତ, ପ୍ରଧାନଶିକ୍ଷକ ବିଜୟ କୁମାର ନାଏକ, ଚନ୍ଦନପୁର ଆଶ୍ରମ ବିଦ୍ୟାଳୟ (ନୂତନ)ର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଭୂୟାଁ, ଏ.ବି.ଇ.ଓ ବସନ୍ତ ମଞ୍ଜରୀ ପଟ୍ଟନାୟକ, ସିଆରସିସି ମିନତୀ ପଣ୍ଡା, ପରିଚାଳନା କମିଟି ସଭାପତି ନାରାୟଣ ନାଏକ, ରମାକାନ୍ତ ମହାନ୍ତ, ଚନ୍ଦନପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ପ୍ରମୁଖ ଯୋଗଦେଇ ଅଭିଭାଷଣ ଦେଇଥିଲେ । ସହକାରୀ ଶିକ୍ଷକ ସମ୍ବିତ ପାତ୍ର ଅତିଥି ପରିଚୟ ଓ ରଞ୍ଜନ କୁମାର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି । ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।



# ମୁଣ୍ଡାରୀ ଭାଷା ସମନ୍ୱୟ ସମିତିର ସମୀକ୍ଷା ବୈଠକ




ବୈଶିଙ୍ଗା, ୫ ।୩(ସମିସ): ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ଚୁରମରା ପ୍ରାଥମିକ ବିଦ୍ୟାଳୟରେ ମୁଣ୍ଡାରୀଭାଷା ସମନ୍ୱୟ ସମିତି ପକ୍ଷରୁ ଶିକ୍ଷା ସମୀକ୍ଷା ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଣ୍ଡାରୀ ଭାଷାରେ ଅଧାପନା କରୁଥିବା ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ନେଇ ଆୟୋଜିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଗଣମାଧ୍ୟମ ଏବଂ ୟୁ.ଏନ.ପି.ଏ ସଂସ୍ଥା ଦ୍ୱାରା ମୁଣ୍ଡାରୀ ଭାଷାର ପ୍ରଚାର ପ୍ରସାର ସାଙ୍ଗକୁ ଯୁବ ଗୋଷ୍ଠୀଙ୍କୁ ଏଥିପ୍ରତି ଆଗ୍ରହୀ କରାଇବାକୁ ସଚେତନ କରାଯାଉଛି । ମୁଣ୍ଡାରୀ ସମ୍ପ୍ରଦାୟ ବହୁଳ ଅଞ୍ଚଳରେ ଖୋଲାଯାଇଥିବା ବିଦ୍ୟାଳୟରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରାଯାଉଥିବା ବେଳେ ଅଧିକରୁ ଅଧିକ ଯୁବକ/ଯୁବତୀ ଏଥିରେ ଅନ୍ତର୍ଭୁକ୍ତ ହେବାକୁ ଆହ୍ୱାନ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୩୦ଟି ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ ନିମନ୍ତେ ସ୍କୁଲ ଖୋଲାଯାଇଛି । ଏହି ବିଦ୍ୟାଳୟଗୁଡିକୁ ପରିଦର୍ଶନ ନିମନ୍ତେ ଆସନ୍ତା ୧୦ତାରିଖରେ ନୂଆଦିଲ୍ଲିରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ଗସ୍ତକରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦିଆଯାଇଛି । ବୈଠକରେ ମୟୂରଭଞ୍ଜ ଜିଲ୍ଲାର ସମ୍ପାଦିକା ଅନ୍ନପୂର୍ଣ୍ଣା ସିଂ, ବଡସାହିବ୍ଲକ ଆବାହକ ବୈଦ୍ୟନାଥ ସିଂ, ଆବାହକ ତପନ ସିଂ, ସମ୍ପାଦକ ମହାଦେବା ସିଂ, ଆମ୍ବଗଡ଼ିଆ ପଞ୍ଚାୟତ ଆବାହକ ସୋହନ ସିଂ, ଚୁରମରା ୱାର୍ଡସଭ୍ୟ କାହ୍ନୁ ସିଂ, ମୁଣ୍ଡାରୀ ଭାଷା ଶିକ୍ଷୟିତ୍ରୀ ସରସ୍ୱତୀ ସିଂ, ସନାତନ ସିଂ, ଆମ୍ବଗଡ଼ିଆ ପଞ୍ଚାୟତ ସମ୍ପାଦିକା ଭାରତୀ ସିଂ, ବୁଧୁନି ସିଂ, ସୁନି ସିଂ ପ୍ରମୁଖ ଉପସ୍ଥିତ ଥିଲେ । ତପନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ

# ବିଜୁବାବୁ ଥିଲେ ନବ ଉତ୍କଳ ପ୍ରଗତିର ସାରଥି









**କେନ୍ଦୁଝର, ୫।୩ (ସମିସ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ଜିଲ୍ଲା ବିଜେଡି ତରଫରୁ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ନବ ଉତ୍କଳ ପ୍ରଗତିର ସାରଥୀ ସାଜିଥିବା ଏହି ମହାନ ଜନନାୟକଙ୍କ ଜନ୍ମ ତିଥିରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସକାଳ ୧୦ଘଟିକା ସମୟରେ ବିଜେଡିର ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ କେନ୍ଦୁଝର ସହରସ୍ଥ ଥାନା ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପୂର୍ବତନ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ସୌମ୍ୟଶଙ୍କର ଚକ୍ର, ପୂର୍ବତନ ନଗରପାଳ ମୀନା ମାଝୀ, ପୌର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, କୋଷାଧ୍ୟକ୍ଷ ରକ୍ଷାକର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ଝୁମ୍ପୁରା ବ୍ଲକ ସଭାପତି କପିଲ ଅନସାରି, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, କ୍ଷୀରୋଦିନୀ ମହାକୁଡ଼, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଦେବୁ ପଟ୍ଟନାୟକ, ସଦର ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ ବେହେରା, ଆଶିଷ ଆଚାର୍ଯ୍ୟ, ପ୍ରଭଞ୍ଜନ ପଟ୍ଟନାୟକ, ସୁରଥୀ ଘଣା, ରକ୍ଷାକର ସାହୁ ସମେତ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ପୁରୁଣା ସହରସ୍ଥ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଦଳୀୟ କର୍ମୀମାନେ ଫଳ ବଣ୍ଟନ କରିଥିଲେ। ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ କେନ୍ଦୁଝର ଅଡିଟୋରିୟମଠାରେ ଠାରେ ବିଜୁବାବୁଙ୍କ ମାର୍ଗ ଦର୍ଶନ ଓ ଗୌରବକୁ ନେଇ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଦଳର ତୁଙ୍ଗ ନେତାମାନେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ ,ପୂର୍ଣ୍ଣଚନ୍ଦ୍ର ସାହୁ, କମଳିନୀ ପାତ୍ର, ସୁରଥୀ ଘଣା ପ୍ରମୁଖ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ନିର୍ବାଚନମଣ୍ଡଳିସ୍ତରୀୟ ୧୦୮ ତମ ବିଜୁ ଜୟନ୍ତୀ ସମାରୋହ ଓ ସାଧାରଣ ସଭା ସ୍ଥାନୀୟ ଷ୍ଟାଡିୟମ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୮ ଘଟିକା ସମୟରେ କଚେରି ଛକଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ଭାଗୀରଥି ସେଠୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇନିଜୀବୀ ମହେନ୍ଦ୍ର ମହାପାତ୍ର, ବାଇଧର ସେଠୀ, ବିଜେଡି ନେତା ସୁଶୀଲ ହୋତା, ରମାକାନ୍ତ ବେହେରା, ଆନନ୍ଦପୁର ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ନାରୀନେତ୍ରୀ ଆରତି ସି, ମମତା ଜେନା, ଯୁବ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ ଓ ଲୁଲୁ ଚାନ୍ଦ ସହଯୋଗ କରିଥିଲେ। ପରେ ଦିନ ୧୦ ଘଟିକାରେ ଯୁବ ବିଜେଡି ଜିଲ୍ଲା ସଭାପତି ରାକେଶ କୁମାର ରାମ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଓ ବିଧାୟକ ଭାଗୀରଥି ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ, ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଜିଲ୍ଲାପରିଷଦ ସଦସ୍ୟ ଜିତେନ୍ଦ୍ର ସାମଲ, ସୁରେନ୍ଦ୍ର ଜେନା, ସୁକାନ୍ତି ଜେନା, ଟୁନି ରଣା, ଛାତ୍ରନେତା ଅମରେନ୍ଦ୍ର ଧଳ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନିବେଦିତା ବେହେରା, ରଶ୍ମିତା ବାରି, ସୁରେନ୍ଦ୍ର ଦାସ, ଅଭିମନ୍ୟୁ ସେଠୀ, ବିଜୟ ରାଉତ ବୈଦ୍ୟନାଥ ସାମଲ,ବାବି ଘଡେଇ, ସନାତନ ଦେହୁରୀ, ରାମଚନ୍ଦ୍ର ରଣା, କିଶୋର ଜେନା, ବିନୋଦ ବିହାରୀ ମହାପାତ୍ର, ମାନସ ରଞ୍ଜନ ବାରିକ, ରବିନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ କାର୍ଯ୍ୟକ୍ରମକୁ ଯୁବ ବିଜେଡି ଜିଲ୍ଲା ଉପସଭାପତି ଭୁବନ ଭବେଶ ସେଠୀ, ବୁଲୁ ସିଂ, ସନ୍ତୋଷ ପଣ୍ଡା, ଯଦୁମଣୀ ବାରିକ, ଶୁଭ୍ରଜିତ ରାମ, ରାଜା ଦଳେଇ, ମନୋଜ ପାତ୍ର, ଦେବାଶିଷ ରାମ ପ୍ରମୁଖ ପରିଚାଳନା କରିଥିଲେ।

**ହାଟଡ଼ିହୀ/ସୋସୋ:** ହାଟଡ଼ିହୀ ବ୍ଲକ୍ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ସ୍ଥାନୀୟ ବରିଷ୍ଠ ବିଜେଡି ନେତା ବୀରେନ୍ଦ୍ର ବିଶ୍ୱାଳ, ଆଇନଜୀବୀ ରଙ୍ଗାଧର ମଲ୍ଲିକ, ଯୁବ ବିଜେଡି ନେତା ନିର୍ମଳ ସେଠୀ, ଗିରିଶ ସ୍ୱାଇଁ, ଭ୍ରମରବର ସେଠୀ, ଅମର ସେଠୀ, ଶିବ ଚରଣ ବେହେରା, ହରେକୃଷ୍ଣ ପେଡା, ସୁରେଶ ରାଉତ, ଆଦିକନ୍ଦ ଜେନା, ଗୁରିଆ ଯେନା, ଚନ୍ଦା ଯେନା, ପ୍ରଦ୍ୟୁମ୍ନ ବେହେରା, ବିଭୁତି ଭୂଷଣ ଯେନା, ବ୍ରହ୍ମାନନ୍ଦ ଯେନା ପ୍ରମୁଖଙ୍କ ଉପସ୍ଥିତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ୍ ଦେଇଥିଲେ। ସେହିପରି ବରିଷ୍ଠ ବିଜେଡି କର୍ମୀ ମାର୍କଣ୍ଡ ଓଝାଙ୍କ ବାସଭବନରେ ବିଜୁବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ବିଶ୍ୱନାଥ ପ୍ରତାପ ଜେନାଙ୍କ ନେତୃତ୍ୱରେ ସତ୍ୟାନନ୍ଦ ମିଶ୍ର, ଦେବରାଜ ସାହୁ, କୃଷ୍ଣ ଜେନା, ବାବୁନା ପଟ୍ଟନାୟକ, ଛାବୁଲି ବଳ ପ୍ରମୁଖ ବହୁ କର୍ମୀଙ୍କ ଯୋଗଦେଇଥିଲେ।

**ପାଟଣା:** ପ୍ରବାଦପୁରୁଷ, ଜନ ନାୟକ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେଡି ଜିଲ୍ଲା ସଂପାଦକ ନିରଞ୍ଜନ ତ୍ରିପାଠୀ, ଯୁବ ନେତା ବିଜୟରତ୍ନ ପତି, ବଡ଼ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, ବିଜେଡି ବରିଷ୍ଠ ନେତା ଦିଲୁ ଭଞ୍ଜ, ମହେନ୍ଦ୍ର ନାଏକ, ବିଦ୍ୟାଧର ରାଉଳ, ବିଜେଡି କର୍ମୀ ଟୁକୁ ପାତ୍ର, ଦୀପକ ଭଞ୍ଜ, ଲିପୁ ତ୍ରିପାଠୀ, ପିଣ୍ଟୁ ଆଲାମ, ଦେବାଶିଷ ମିଶ୍ର,ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ତୁରୁମୁଙ୍ଗା:** ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜ୍ୟୋତିପୁର ହାଇସ୍କୁଲ ପଡିଆରେ ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ଜୟନ୍ତୀ ପାଳିତ ହୋଇଯାଇଛି। ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ, ବିରତ୍ୱର ଗାଥା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ପାଟଣା ବିଧାୟକ କାହ୍ନୁଚରଣ ନାଏକ, ପାଟଣା ନିର୍ବାଚନ ମଣ୍ଡଳୀର ସଂଯୋଜକ କାନନ ବିହାରୀ ପହି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମରାୟ ମୁଦିଆ, ଭବାନୀ ଶଙ୍କର ନାଏକ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଦୀପକ୍ ରାଜ୍, ପାଟଣା ବ୍ଲକ ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ସଭାପତି ଦିଲ୍ଲୀପ କୁମାର ସାହୁ, ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ, ପ୍ରଫୁଲ୍ଲ ନାଏକ, ସୌଭାଗ୍ୟମଞ୍ଜରୀ ନାୟକ, ରୁନୁ ମହାନ୍ତ, ବୁଦ୍ଧଦେବ ମହାକୁଡ଼, ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାଏକ, ପୁର୍ବତନ ସାହାରପଡା ବ୍ଲକ ଅଧ୍ୟକ୍ଷା ରମ୍ଭାବତୀ ଦେହୁରୀ, ଉପାଧ୍ୟକ୍ଷା ତଥା ମହିଳା ସଂଯୋଜିକା କିରଣବାଳା ସିଂ, ଜିଲ୍ଲା ସାଧାରଣ ସମ୍ପାଦକ ନିରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ଭଞ୍ଜଦେଓ, ଜିଲ୍ଲା ଉପସଭାପତି ଗୋବିନ୍ଦ ମହାନ୍ତ, ବିରେନ୍ଦ୍ର ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା, ଅଜୟ ପଟ୍ଟନାୟକ, ଅଙ୍କୁର ମହାନ୍ତ, ଉମାକାନ୍ତ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ରକ୍ତଦାନ କରାଯାଇ ୬୯ ୟୁନିଟ୍ ରକ୍ତ ସଂଗ୍ରହ କରାଯିବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ ସହ ସମାଜକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ଜଣ ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପୂର୍ବତନ ସାହାରପଡା ବ୍ଲକ ଉପାଧ୍ୟକ୍ଷ୍ୟା କିରଣ ବାଳା ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ ଅନ୍ତର୍ଗତ ତେଲକୋଇ ସାପ୍ତାହିକ ହାଟପଡ଼ିଆ ଠାରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରକମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖଦି ବୋର୍ଡ ସଭାପତି ତଥା ତେଲକୋଇ ନିର୍ବାଚନ ମଣ୍ଡଳୀ ସଂଯୋଜକ ସଂଗ୍ରାମ କେଶରୀ ପାଇକରାୟ, ମୁଖ୍ୟବକ୍ତା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦୁ, ସମ୍ମାନିତ ଅତିଥି ଜିଲ୍ଲା ଏସ୍‌ସି ସେଲ୍ ସଭାପତି ଭରତ ଚନ୍ଦ୍ର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁଶାନ୍ତ କୁମାର ଗିରି, ନାରୀନେତ୍ରୀ ପୁଷ୍ପାଞ୍ଜଳି ଆପଟ, ସାଂସଦ ପ୍ରତିନିଧି କୈଳାସ ଚନ୍ଦ୍ର ପ୍ରଧାନ, ତେଲକୋଇ ନିର୍ବାଚନ ମଣ୍ଡଳୀ ସଂଯୋଜକ ଲଳିତ ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଭିଷେକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଚମ୍ପୁଆ:** ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ସ୍କୁଲ ପଡିଆଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଯଶବନ୍ତନାରାୟଣ ସିଂ ଲାଗୁରୀ, ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ, ବଡବିଲ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତ, ଯୋଡା ମ୍ୟୁନିସିପାଲିଟି ଅଧ୍ୟକ୍ଷ ଡ. ଜଗଦିସ ସାହୁ, ସଂଖ୍ୟାଲଘୁ ସଭାପତି ଏମ୍‌ଡି ନେସାର ହେୟାତ, ଯୋଡା ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ପାତ୍ର, ଚମ୍ପୁଆ ଏନଏସି ଉପାଧ୍ୟକ୍ଷ ସୁମିତ୍ରା ବେହେରା, ବାବୁଲାଲ ସାହୁ, ଯୁବ ସଭାପତି ଲକ୍ଷ୍ମଣ ମହାନ୍ତ, ଯୋଡା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ମହାନ ଜନ ନାୟକଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ଦାବି ଉଠିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ମାନେ ଯୋଗ ଦେଇଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସ୍ୱୟଂସହାୟକ ଗୋଷ୍ଠୀ ଯୋଗ ଦେଇ ଜୟନ୍ତୀ ଉତ୍ସବର ଗରିମା ବଢାଇଥିଲେ।

**ଆନନ୍ଦପୁର:** ସ୍ଥାନୀୟ ଦେଓଗାଁ ହାଟପଡ଼ିଆ ଠାରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡି ଯୁବନେତା ତଥା ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ଦେବାଶିଷ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଘଟଗାଁ ବ୍ଲକ ବିଜେଡି ସଭାପତି ଦୋଳଗୋବିନ୍ଦ ବେହେରା, ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମଧୁସ୍ମିତା ଦାସ, ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୁୟାଁ, ବରିଷ୍ଠ ବିଜେଡି ନେତା ଗୋପିନାଥ ସ୍ୱାଇଁ, ବିରଞ୍ଚିନାରାୟଣ ମହାପାତ୍ର, ନନ୍ଦକିଶୋର ବେହେରା, ପରେଶନାଥ କୁଅଁର, କୃଷ୍ଣଚନ୍ଦ୍ର ରାଉତ, ବୁଲୁ ପଟ୍ଟନାୟକ, ଶରତ ରାଉତ, ହରିପ୍ରସାଦ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଦେବଦତ୍ତ ନାୟକ, ସୁନିଲ୍ ଭୋଇ, ସୁଦିପ ସାହୁ, ମୋହନ ସାମଲ, ତରଣୀସେନ ବରାଳଙ୍କ ସହ ବିଜେଡି ସମର୍ଥୀତ ସରପଞ୍ଚ, ସମିତିସଭ୍ୟ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷସମେତ ଅନେକ ଆଗଧାଡିର ବିଜେଡି କର୍ମୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।





## ଟ୍ରକ୍ ଜବତ; ୭୮ ଗୋରୁ ଉଦ୍ଧାର

**ତେଲକୋଇ, ୫।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ୪୯ ନମ୍ବର ଜାତୀୟ ରାଜପଥରେ ତେଲକୋଇ ପୁଲିସ ଚଢ଼ଉ କରି ଗୋଟିଏ ଗୋରୁ ବୋଝେଇ ଟ୍ରକକୁ ଜବତ କରିବା ସହିତ ୭୮ଟି ଗୋରୁ ଉଦ୍ଧାର କରିଛି। ପୁଲିସକୁ ଦେଖି ଗୋ ମାଫିଆ ଏବଂ ଚାଳକ ଫେରାର ହୋଇଯାଇଛନ୍ତି। ତେବେ ସୂଚନା ମୁତାବକ (ଡବ୍ଲୁବି ୩୩ ଏଫ୍ ୨୭୧୧) ନମ୍ବର ବିଶିଷ୍ଟ ଟ୍ରକ୍‌ରେ ବେଆଇନ ଗୋଚାଲାଣ ହେଉଥିବା ନେଇ ତେଲକୋଇ ପୁଲିସ ପାଖରେ ଖବର ପହଞ୍ଚିଥିଲା। ସୋମବାର ବିଳମ୍ବିତ ରାତିରେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଆରମ୍ଭ ହୋଇଥିଲା ଏବଂ ରୁଗୁଡ଼ିହି ଟୁଲ ଗେଟ୍ ନିକଟରେ ଗୋଚାଲାଣ ଗାଡ଼ିକୁ ଜବତ କରିଥିଲେ। ଏହାକୁ ଥାନା ପକ୍ଷରୁ ୧୧୨/୨୪ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

ANIMESH FOOD PRODUCTS
ANIMESH INDIAN SNACKS — Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070800

Chakra E-Trans Berhampur Private Limited
ଡ୍ରାଇଭର ଭର୍ତ୍ତି
ବ୍ରହ୍ମପୁରରେ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ବସ୍ ନିମନ୍ତେ ଡ୍ରାଇଭର ଭର୍ତ୍ତି
PF, ESIC, Gratuity ର ଲାଭ ଉଠାନ୍ତୁ
ଆବଶ୍ୟକ କାଗଜପତ୍ର: 2 ପାସପୋର୍ଟ ସାଇଜ୍ ଫଟୋ, ଲାଇସେନ୍ସ, ଆଧାର କାର୍ଡ, ପାନ୍ କାର୍ଡ, ପୋଲିସ୍ ଯାଞ୍ଚ, ବ୍ୟାଙ୍କ-ପାସବୁକ୍ ର ଜେରକ୍ସ
ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପ୍ରାଥମିକତା
ନିତେଶ ଧୁମାଲ, ଡିପୋଟ ମ୍ୟାନେଜର, ଚକ୍ର ଇ-ଟ୍ରାନ୍ସ, ହଳଦିଆପଦର, ବ୍ରହ୍ମପୁର - ୭୬୦୦୦୩
ଅଧିକ ଜାଣିବା ପାଇଁ ବ୍ୟକ୍ତିଗତ ଭାବେ ଆସନ୍ତୁ
ସାକ୍ଷାତକାର କରିବାର ସମୟ: ସକାଳ ୧୦ଟାରୁ ସନ୍ଧ୍ୟା 5ଟା ପର୍ଯ୍ୟନ୍ତ
ମୋ.: ୯୧୩୦୨୯୧୨୫୩

## ବେଲବାହାଲିରେ ପାନୀୟ ଜଳ ସମସ୍ୟା

# ଜଳଯୋଗାଣ ଘରେ ତାଲା ପକାଇଲେ ମହିଳା

**ବେଲବାହାଲି, ୫।୩ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ପଞ୍ଚାୟତର ବରମୂଳ ସାହିରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରତ୍ୟେକ ଗାଁ ଏବଂ ସହରକୁ ଓଭରହେଡ଼ ଟାଙ୍କି ଦ୍ୱାରା ପାଇପ୍ ଯୋଗେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେଇ ଆସୁଥିବା ବେଳେ ଦୀର୍ଘ ଦିନ ହେଲା ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ବରମୁଳ ସାହିକୁ ପିଇବା ପାଣି ଯାଉ ନଥିବାରୁ ସାହି ବାସିନ୍ଦା ପାଣି ଟୋପାଏ ନପାଇ ତହଲ ବିକଳ ହେଉଛନ୍ତି। ଏଥିପାଇଁ ବାରମ୍ବାର ବେଲବାହାଲିର ସରପଞ୍ଚ ଏବଂ ଆନନ୍ଦପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟାର କୌଣସି ସମାଧାନ ନହେବାରୁ ଏହାର ପ୍ରତିବାଦରେ ଉତ୍‌କ୍ଷିପ୍ତ ହୋଇ ଶତାଧିକ ମହିଳା ଖାଲି କଳସୀ, ଗରା ଧରି ପାଣିଘର ସମ୍ମୁଖରେ ନାରାବାଜୀ କରିବା ସହ ଗେଟରେ ତାଲା ପକାଇ ଦେଇଛନ୍ତି। ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ତାଲା ଖୋଲା ଯିବନାହିଁ ବୋଲି ଗ୍ରାମର ମହିଳାମାନେ ଚେତାବନୀ ଦେଇଛନ୍ତି। ସେପଟେ ମହିଳାଙ୍କ ଆନ୍ଦୋଳନ ପରେ ଗ୍ରାମର ୭ନଂ ୱାର୍ଡର ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେବେ ବୋଲି ଜଣାପଡିଛି। ଘଟଣାକୁ ଗୁରୁତର ସହକାରେ ଗ୍ରହଣ କରି ବିଭାଗୀୟ ଅଧିକାରୀ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।



PRINCE COLLEGE | SCHOOL
The No.-1 Residential Institution for
+2 SCIENCE | +2 ARTS | VI TO X
2023 +2 SCIENCE TOPPER
RUDRA NARAYAN BHOI — 568 (94.8%)
DISTRICT TOPPER | ALL ODISHA 2ND TOPPER
ନାମଲେଖା ପାଇଁ ENTRANCE TEST DATE
FOR +2 SCIENCE & ARTS :-
1st Phase - 07.03.2024
2nd Phase - 10.03.2024
3rd Phase - 13.03.2024
4th Phase - 22.03.2024
(4th Phase Entrance, Only for CBSE / ICSE / Other Board Students).
FOR CLASS VI TO IX :-
1st Phase - 24.03.2024
2nd Phase - 31.03.2024
ସମ୍ମାନୀୟ ଅଭିଭାବକ / ଛାତ୍ରଛାତ୍ରୀ, 2024-25 Session ପାଇଁ Prince College କିମ୍ବା School ରେ ନାମଲେଖା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରି Entrance Test ବିଷୟରେ ଅବଗତ ହୁଅନ୍ତୁ।
SUMMER CLASSES DATE : 14th, 18th, 21st, 28th March 2024
BARIPADA — City Office : Debendrapur, Palbani 8895102045, 9937701648
BALASORE — Central School Square 8763403768, 9337687655

SAI HIGHER SECONDARY SCHOOL
Admission Open!
SAI +2 SCIENCE RESIDENTIAL COLLEGE
Permanently Recognised by Govt. of Odisha & Affiliated to C.H.S.E, Odisha
AWARDED AS The NO. 1 RESIDENTIAL COLLEGE OF ODISHA
SPECIAL GUIDANCE TO SUPER-40 (INTEGRATED) FOR IIT / JEE, NEET, OUAT, NISER, IISER ASPIRANTS BY EXPERT TEACHERS
AVAIL ATTRACTIVE SCHOLARSHIP BY APPEARING THE SAI GUNIUS TEST ON 10/03/2024 (SUNDAY) & 17/03/2024 (SUNDAY)
REGISTRATION OPEN FOR BRIDGE (SUMMER) COURSE
BRIDGE (SUMMER) COURSE STARTS FROM 21/03/2024 (THURSDAY)
N.H.18, TAKATPUR, BARIPADA, MAYURBHANJ, ODISHA
Mob.: 9437177734, 9861844566, 7008539750, 8249717211, 9437121113. 9583122296

## ଅବକାରୀ ବିଭାଗର ମିଳିତ ଚଢ଼ଉ, ୩ ଗିରଫ

**ଯୋଡା,୫।୩(ସମିସ):** ଯୋଡା ପୌରପାଳିକା ଏବଂ ବାମେବାରୀ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୯୬ ଲିଟର ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ସେମାନେ ହେଲେ, ସୁରେଶ ମୁଣ୍ଡା (ଜୁରୁଡି), ହୁଣ୍ଡଲୁ ରାଉତ (ଉଲିହଟିଂ), ଗୁରୁବାରୀ ମହାକୁଡ(ହୁଡିସାହି)। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଅବକାରୀ ଅଧିକ୍ଷ ପ୍ରଦୀପ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ପ୍ରବିଣ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅତର୍କିତ ଭାବେ ଯୋଡ଼ା ପୌରପାଳିକାର ଉଲ୍ଲି ହାଟିଂ, ହୁଡ଼ିସାହି, ବିଚାକୁଣ୍ଡି, ବାମେବାରୀ, ଜୁରୁଡି ପ୍ରଭୃତି ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ଏଚ୍ ଜଗା ରାଓ, ଯୋଡା ଅବକାରୀ ବିଭାଗ ପକ୍ଷରୁ ଓଆଇସି ତନୁ କିଶୋର ପାତ୍ର, ଚମ୍ପୁଆ ଓଆଇସି ବିନୋଦ ବାସ୍କେ, ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ସେଠୀ, ସମେତ ଚମ୍ପୁଆ, ଯୋଡା ଜୋନର ଅବକାରୀ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ହାଟଡ଼ିହୀ,୫।୩(ସମିସ):** ନନ୍ଦିପଦା ଥାନା ଅଧୀନ ମଠ ସ୍ଥିତ ପିଡବ୍ଲ୍ୟୁ ଅଫିସ୍ ସମ୍ମୁଖ ଦେଇ ହଦଗଡ଼ ଓ ଢେଙ୍କା ଅଞ୍ଚଳକୁ ଲମ୍ବିଥିବା ରାସ୍ତାଟି ଦିନକୁ ଦିନ ଦୁର୍ଘଟଣାସ୍ଥଳୀ ପାଲଟୁଛି। ପିଡବ୍ଲ୍ୟୁ ଅଫିସ୍ ସମ୍ମୁଖରେ ତିଆରି ବେଆଇନ୍ ହମ୍ପସ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩.୪୫ମିନିଟ୍ ସମୟରେ ସୋସୋ ଥାନା ଅଧୀନ ବଣିଆପଙ୍କ ଅଞ୍ଚଳର ନରେଶ ନାଏକ ନାମକ ଜଣେ ଯୁବକ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ଢେଙ୍କା ଅଞ୍ଚଳର ଯୁବ ସମାଜସେବୀ କୋମଳ ଲୋଚନ ନାୟକ ଉକ୍ତ ରାସ୍ତାରେ ଯାଉଥିବା ବେଳେ ଯୁବକ ଜଣକ ମୂର୍ଚ୍ଛିତ ଅବସ୍ଥାରେ ପଡ଼ିଥିବାର ଦେଖି ନିକଟସ୍ଥ ଅଗ୍ନିଶମ ବାହିନୀକୁ ଜଣାଇ ଗୁରୁତର ଯୁବକଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠେଇଛନ୍ତି।

## ସାଇଁକୁଳକୁ ଏନ୍‌ଏସି ଘୋଷଣା ଦାବି

**ରାମଚନ୍ଦ୍ରପୁର,୫।୩(ସମିସ):** ସାଇଁକୁଳ ଘସିପୁରା ନିର୍ବାଚନ ମଣ୍ଡଳୀର ଏକ ରାଜନୈତିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ପରିଚିତ। ଏଠାରେ ୨୦ରୁ ଉର୍ଦ୍ଧ୍ୱ ସରକାରୀ ଅଫିସ ଓ ଅନୁଷ୍ଠାନ ଅଧାବଧି ଚାଲୁ ରହିଛି। ସାଇଁକୁଳ ବଜାର ଏବଂ ପଞ୍ଚାୟତ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଭାବେ ଘୋଷଣା କରିବା ଦାବି ନେଇ ସାଇଁକୁଳ ଆଞ୍ଚଳିକ ନାଗରିକ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, କେନ୍ଦୁଝର ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କୁ ଦରଖାସ୍ତ ମାଧ୍ୟମରେ ନିବେଦନ କରିଛନ୍ତି। ସାଇଁକୁଳ ଅଞ୍ଚଳବାସୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ଅନନ୍ତ ଚରଣ ସ୍ୱାଇଁ, ବୈକୁଣ୍ଠନାଥ ପଟ୍ଟନାୟକ, ବିଦ୍ୟାଧର ପରିଡା, ଉମାକାନ୍ତ ମହାନ୍ତି, ବ୍ରହ୍ମାନନ୍ଦ ପଟ୍ଟନାୟକ, ମାର୍କଣ୍ଡ ସାମଲ, ଦିଲ୍ଲୀପ ପରିଡା ସସ୍ମିତା ପଟ୍ଟନାୟକ ରମଣୀ ରଞ୍ଜନ ମହାନ୍ତି, ଚିତ୍ତରଞ୍ଜନ ପରିଡା, ସନତ ରଥ, ପ୍ରଶାନ୍ତ ଚକ୍ର ଓ ସନ୍ତୋଷ ସ୍ୱାଇଁ ସମେତ ଅନେକ ଅଞ୍ଚଳବାସୀ ଦାବି ଜଣାଇବା ସହ ଆଶା ପ୍ରକାଶ କରିଛନ୍ତି।

## ଉଚ୍ଚ ଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ପ୍ରଦାନ




**ଆନନ୍ଦପୁର,୫।୩(ସମିସ):** ଦେଓଗାଁ ନିକଟସ୍ଥ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ 'ନୂଆ-ଓ' ଛାତ୍ର ବୃତ୍ତି ବିତରଣୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଡ. ଗୋଲୋକ ବିହାରୀଆଚାର୍ଯ୍ୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛାତ୍ରବୃତ୍ତି ବିତରଣ କରିଥିଲେ। 'ନୂଆ-ଓ' ଛାତ୍ର ବୃତ୍ତି ଉଚ୍ଚଶିକ୍ଷା କ୍ଷେତ୍ରରେ ନିଶ୍ଚିତ ଏକ ବରଦାନ ସଦୃଶ ହେବ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଅର୍ଥ ଆଉ ବାଧକ ସାଜିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବାନୀପ୍ରସାଦ ବଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ସାହୁ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ସଭା ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ। ଅଧ୍ୟାପକ ସୁଧାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରସ୍କୃତ ହେଲା ରଙ୍ଗାମାଟିଆ ପଞ୍ଚାୟତ



**ଚମ୍ପୁଆ,୫।୩(ସମିସ):** ଚମ୍ପୁଆ ବ୍ଲକର ରଙ୍ଗାମାଟିଆ ପଞ୍ଚାୟତ 'ଆମ ଓଡିଶା ନବୀନ ଓଡିଶା'ର ସଫଳ ରୂପାୟନ ପାଇଁ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସଅବସରରେ ପୁରସ୍କୃତ ହୋଇଛି। ସ୍ଥାନୀୟ ସରପଞ୍ଚ ମାଧୁରୀ ନାଏକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତରେ ହୋଇଥିବା ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏହି ପୁରସ୍କାର ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଛି। ଚମ୍ପୁଆ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ, ଏବିଡିଓ ଚୁନୁ ହାଁସଦା ପ୍ରମୁଖ ରଙ୍ଗାମାଟିଆ ନିର୍ବାହୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, କନିଷ୍ଠ ଯନ୍ତ୍ରୀ ଅଜୟ ବେହେରା ଏବଂ ଜିଆର୍‌ଏସ୍ ଛତ୍ରପତି ଶେଖରଚାନ୍ଦ ମହାନ୍ତଙ୍କୁ ଉପଢକନ ଓ ଟ୍ରଫି ଦେଇ ସମ୍ମାନିତ କରିଥିଲେ।

### ରେଳ କ୍ଷେତ୍ରରେ ଜିଲ୍ଲାବାସୀଙ୍କର ଆଶା ପୂରଣ ହେଲା

# ପୁରୀ-କେନ୍ଦୁଝରଗଡ଼-ଆନନ୍ଦବିହାର ନୂତନ ଟ୍ରେନ୍‌ର ଶୁଭାରମ୍ଭ

**କେନ୍ଦୁଝର,୫।୩(ସମିସ)**

କେନ୍ଦୁଝର ଜିଲ୍ଲାବାସୀଙ୍କର ଅନେକ ଦିନର ଦାବି ପୂରଣ ହୋଇଛି। ଶେଷରେ କେନ୍ଦୁଝର ଦେଇ ଦେଶର ରାଜଧାନୀକୁ ନୂତନ ଟ୍ରେନ୍ ସେବାର ପ୍ରଧାନମନ୍ତ୍ରୀ ଶୁଭ ଉଦ୍‌ଘାଟନ କରିଛନ୍ତି। ପୁରୀ -କେନ୍ଦୁଝରଗଡ଼ -ଆନନ୍ଦବିହାର ନୂତନ ଏକ୍ସପ୍ରେସ ଟ୍ରେନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି। ଅନ୍ୟପକ୍ଷରେ ବହୁ ପ୍ରତିକ୍ଷିତ ପାରାଦୀପ-କେନ୍ଦୁଝରଗଡ଼-ପାରାଦୀପ ନୂତନ ପାସେଞ୍ଜର ଟ୍ରେନ ମଧ୍ୟ ପାରାଦୀପ ଷ୍ଟେସନରୁ ଉଦ୍‌ଘାଟିତ ହୋଇଛି। ଏଥିସହିତ ବାଂଶପାଣି -ଦୈତାରୀ -ଟମକା-ଜଖପୁରା ଦୋହାରୀକରଣ ୧୬୨ କିଲୋମିଟର ରେଳଲାଇନ୍‌କୁ ଚଣ୍ଡିଖୋଲରେ ଆୟୋଜିତ ସଭା ମଞ୍ଚରୁ ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଏହାର ଶୁଭ ଉଦଘାଟନ କରିଛନ୍ତି। ଉଦଘାଟନୀ ଅବସରରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଶ୍ୱେଶ୍ୱର ଟୁଡୁ ଉପସ୍ଥିତ ଥିଲେ।

କେନ୍ଦୁଝରଗଡ଼ ରେଳଷ୍ଟେସନଠାରେ ଏଥିନିମିତ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମୋହନ ମାଝୀଙ୍କ ସହିତ ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।







ଉଦଘାଟନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖ ଚଣ୍ଡିଖୋଲରୁ ଆଭାସୀ ମାଧ୍ୟମରେ ସବୁଜ ପତାକା ଦେଖାଇ କେନ୍ଦୁଝରଗଡ଼ ଷ୍ଟେସନରୁ ନୂତନ ଟ୍ରେନର ଶୁଭାରମ୍ଭ କରିଥିଲେ। ସୂଚନା ଅନୁସାରେ ପୁରୀ -କେନ୍ଦୁଝରଗଡ଼ -ଆନନ୍ଦବିହାର ସାପ୍ତାହିକୀ ଏକ୍ସପ୍ରେସ ଟ୍ରେନଟି ପ୍ରତି ଶନିବାର ସକାଳ ୪.୧୫ ପୁରୀରୁ ଛାଡି ୫.୪୦ରେ ଭୁବନେଶ୍ୱର ଷ୍ଟେସନରେ ପହଞ୍ଚିବ। ସେଠାରୁ ୫.୪୫ରେ ଛାଡି ୬.୧୦ରେ କଟକରେ ପହଞ୍ଚିବ। କଟକରୁ ୬.୧୫ରେ ଛାଡି ସକାଳ ୧୦ରେ କେନ୍ଦୁଝରଗଡ଼ ଷ୍ଟେସନରେ ପହଞ୍ଚିବ। ଏଠାରେ ୧୦ମିନିଟ ରହଣି ପରେ ୧୦.୧୦ରେ ଛାଡି ବୋକାରୋ ପରେ ଅନ୍ୟ ଷ୍ଟେସନମାନଙ୍କରେ ରହଣି ସହିତ ପରଦିନ ୧.୩୦ରେ ଆନନ୍ଦବିହାର ଷ୍ଟେସନରେ ଏକ୍ସପ୍ରେସ ଟ୍ରେନଟି ପହଞ୍ଚିବ ବୋଲି ସୂଚନା ମିଳିଛି। ଟ୍ରେନଟି ପୁରୀରୁ ଆନନ୍ଦବିହାର ଯିବା ବାଟରେ ମୋଟ ୨୧ ଗୋଟି ଷ୍ଟେସନରେ ରହିବ। ସେହିପରି ଆନନ୍ଦବିହାରରୁ ଟ୍ରେନଟି ରବିବାର ରାତ୍ରି ୧୧.୫୫ (୨୩.୫୫)ରେ ଛାଡି ସୋମବାର କେନ୍ଦୁଝର ଷ୍ଟେସନରେ ରହଣି ପରେ ସନ୍ଧ୍ୟା ୫.୨୦ରେ ପୁରୀରେ ପହଞ୍ଚିବାର ଯୋଜନା ରହିଛି। ଏହି ଟ୍ରେନ୍‌ରେ ମୋଟ ୨୨ ଗୋଟି କୋ୍ ରହିବ ବୋଲି ସୂଚନା ମିଳିଛି।

- ପାରାଦୀପ-କେନ୍ଦୁଝରଗଡ଼ ନୂତନ ଟ୍ରେନ୍ ସେବା ଆରମ୍ଭ
- ବାଂଶପାଣି-ଦୈତାରୀ-ଟମକା-ଯଖପୁରା ଦୋହରୀକରଣ ରେଳଲାଇନ୍ ଲୋକାର୍ପିତ

## କୈରାଳୀ କଲେଜରେ 'ନୂଆ-ଓ' ଛାତ୍ର ବୃତ୍ତି ପ୍ରମାଣପତ୍ର ବଣ୍ଟନ



**ଚମ୍ପୁଆ, ୫।୩(ସମିସ):** ଚମ୍ପୁଆ କୈରାଳୀ +୩ ବିଜ୍ଞାନ ମହାବିଦ୍ୟାଳୟରେ 'ନୂଆ-ଓ' ଛାତ୍ର ବୃତ୍ତିର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ରାଜମୋହନ ପିଏସ, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ୍ କେଏସ, କାର୍ଯ୍ୟାଳୟ ଅଧ୍ୟକ୍ଷ ଦୈତାରୀ ସାହୁ, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ବିକେ ଭାରତୀ, କୈରାଳୀ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷ ଡ. ଏ.ମାଇକେଲ ଦେବା ଆରସୀ, ପ୍ରଧାପକ ଗିରିଜାଶଙ୍କର କର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବି.ରାମାରାଜୁଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ 'ନୂଆ-ଓ' ଛାତ୍ର ବୃତ୍ତି ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଲୋକସେବା ଦିବସ

**ସୋସୋ, ୫।୩(ସମିସ):** ହାଟଡିହି ବ୍ଲକ କାର୍ଯ୍ୟାଳୟର ବୈଠକ ହଲ୍‌ରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ ଉପସ୍ଥିତ ରହି ପଂଚାୟତରାଜ ଓ ଲୋକସଭା ଦିବସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ସମୟରେ ବ୍ଲକର ବିଏସଏସଓ ସ୍ୱାତିଶ୍ରୀ ସିଂ, ବରିଷ୍ଠ କିରାଣି, କର୍ମଚାରୀ, ପିଇଓ, ଜିଆରଏସ ଆଦି ଉପସ୍ଥିତ ରହିଥିଲେ।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ



**ସୋସୋ, ୫।୩(ସମିସ):** ହାଟଡିହି ବ୍ଲକ ସାଶଙ୍ଗ ଗ୍ରାମର ବସନ୍ତ କୁମାର ଆଚାର୍ଯ୍ୟ (୬୨)ଙ୍କ ପରଲୋକ ହୋଇଯାଇଛି। ସେ ସାମ୍ବାଦିକ କିଶୋର ଆଚାର୍ଯ୍ୟଙ୍କର ବଡ଼ ଭାଇ। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳ ଓ ଗ୍ରାମର ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଆନନ୍ଦେଶ୍ୱରଙ୍କ ମହାଜାଗର ଭଜନ ମୁକ୍ତିଲାଭ



**ପାଟଣା,୫।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଥିବା ଆନନ୍ଦେଶ୍ୱର ମନ୍ଦିର ପରିସରରେ ଜାଗର ଉପଲକ୍ଷେ ଆନନ୍ଦେଶ୍ୱର ମହାଜାଗର ଭଜନ ମୁକ୍ତିଲାଭ କରିଛି। ମ୍ୟୁଜିକ ଭାଇବେସ୍ ୟୁଟ୍ୟୁବ୍ ଚ୍ୟାନେଲ ଦ୍ୱାରା ପ୍ରସ୍ତୁତ ଏହି ଗୀତକୁ ଏସ୍ ଜିତୁ ଓ ଦୀପାଞ୍ଜଳି କଣ୍ଠଦାନ କରିଥିବା ବେଳେ ବିଭୁନ୍ ସାହୁ ଓ ଚିନ୍ମୟ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନିରଞ୍ଜନ ପଣ୍ଡା ଗୀତା ରଚନା କରିଥିବା ବେଳେ ପିଣ୍ଟୁ ଦାଶ ସଂଯୋଜନା କରିଛନ୍ତି। ବିକୁ ବାବୁ ପ୍ରଯୋଜନା କରିଛନ୍ତି। ଏହି ଶୁଭମୁକ୍ତି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡପାଟଣା ସରପଞ୍ଚ ବିନତୀ ବାନାରାଙ୍କ ସହ ମନ୍ଦିର ପରିଚାଳନା କମିଟିର ଅରୁଣ ମିଶ୍ର, ପର୍ଶୁରାମ ପଣ୍ଡା, ଅଜୟ ଦାଶ, ସନାତନ ଦାଶ, ଯୁଗଳ କିଶୋର ଦାଶ, କୃଷ୍ଣଚନ୍ଦ୍ର ଦାଶ, ଲକ୍ଷ୍ମଣ ପତି, ବୀରକିଶୋର ଦାଶ, ପ୍ରଦୀପ ମିଶ, ସୌମ୍ୟ ରଞ୍ଜନ ଦାଶ, ଚିନ୍ତାମଣି ବେଜ, ନିରଞ୍ଜନ ନାଏକ ଉପସ୍ଥିତ ରହିଥିଲେ।

## ଛାତ୍ର ବୃତ୍ତି ଅନୁଦାନ ପତ୍ର ବିତରଣ

**ତେଲକୋଇ,୫।୩(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ସ୍ଥିତ ଚାରିଗଡ଼ ମହା ବିଦ୍ୟାଳୟ ପରିସରରେ ମଙ୍ଗଳବାର ପଞ୍ଚାୟତିରାଜ ଦିବସ ଅବସରରେ 'ନୂଆ-ଓ' ଛାତ୍ର ବୃତ୍ତି ଅନୁଦାନପତ୍ର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ତେଲକୋଇ ଗ୍ରାମପଞ୍ଚାୟତ ସରପଞ୍ଚ ରଶ୍ମିତା ନାୟକ, ଖୁଣ୍ଟାପଡା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା, ମହା ବିଦ୍ୟାଳୟର ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ନୋଡାଲ ଅଧିକାରୀ ଅଧ୍ୟାପକ ଅନିଲ କୁମାର ସାହୁ, ଡ. ନିତ୍ୟାନନ୍ଦ କର, ପାଣ୍ଡବ ଚରଣ ସାହୁ, ମୋନାଲିସା ପ୍ରଧାନ ସାମିଲ ରହିଥିଲେ। ତେବେ ଉକ୍ତ ଉତ୍ସବର ଚାରିଗଡ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଅନୁଦାନ ପତ୍ର ବିତରଣ କରିଥଲେ। ଏହି କାର୍ଯ୍ୟକ୍ରମରେ ମହା ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଗଣ ସହଯୋଗ କରିଥିଲେ।



## ହାଟଡିହୀରେ ପଞ୍ଚାୟତିରାଜ ଦିବସ



**ହାଟଡିହୀ, ୫।୩(ସମିସ):** ପଞ୍ଚାୟତିରାଜ ଦିବସ ଉପଲକ୍ଷେ ପଞ୍ଚାୟତ ସମିତି ସ୍ତରୀୟ ଲୋକସେବା ଦିବସ ପାଳିତ ହୋଇଯାଇଛି। ହାଟଡ଼ିହୀ ବ୍ଲକ ସଭାଗୃହରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକସେବା ଦିବସ କାର୍ଯ୍ୟକ୍ରମରେ ହାଟଡ଼ିହୀ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ସହ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସମସ୍ତ ବ୍ଲକ୍ କର୍ମଚାରୀ ଉପସ୍ଥିତ ରହିଥିଲେ। ଲୋକସେବା ଦିବସ ଅବସରରେ ଉପସ୍ଥିତ ଥିବା ଅତିଥି ଓ ସରପଞ୍ଚମାନେ ବିଜୁବାବୁଙ୍କ ଜନକଲ୍ୟାଣ ଓ ମହିଳା ସଶକ୍ତକରଣ ଉପରେ ଆଲୋପାତ କରିଥିଲେ। ବ୍ଲକ କାର୍ଯ୍ୟାଳୟର ସିପି ସୁବ୍ରତ କୁମାର ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲା ବେଳେ ଏସିପି ପ୍ରଶାନ୍ତ କୁମାର ସେଠୀ, ବ୍ଲକ୍ କର୍ମଚାରୀ ଭଗବାନ ସେଠୀ ଓ ସୁଦର୍ଶନ ଘଡ଼େଇ ଏଥିରେ ସହଯୋଗ କରିଥିଲେ।

# ଜଙ୍ଗଲ ନିଆଁକୁ ରୋକିବା ପାଇଁ ସମନ୍ୱୟ ବୈଠକ

**ଯୋଡା,୫।୩(ସମିସ)**



ଗ୍ରୀଷ୍ମ ଋତୁ ଉପନୀତ। ଏହି ସମୟରେ ଜଙ୍ଗଲ ଅଗ୍ନିକାଣ୍ଡ ବନ ବିଭାଗ ପାଇଁ ବଡ଼ ଆହ୍ୱାନ ହୋଇଥିବା ବେଳେ, ଜୀବ ବିଜ୍ଞାନ, ଜଙ୍ଗଲ ଏବଂ ବନ୍ୟ ଜୀବନର ସଂରକ୍ଷଣକୁ ନେଇ ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ତଥାପି ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲରେ ନିଆଁ ଲାଗି ଅନେକ କିଛି କ୍ଷତି ଘଟୁଛି। ଜାଳେଣୀ କାଠ ସଂଗ୍ରହ ପାଇଁ ହେଉ ଅଥବା ମହୁଲ ଫୁଲ ଗୋଟାଇବା ହେଉ, ଏଥିପାଇଁ ଲୋକେ ଜଙ୍ଗଲରେ ପ୍ରବେଶ କରି ନିଆଁ ଲଗାଇ ଦେଉଥିବା ଘଟଣା ନଜରକୁ ଆସିଥାଏ। ଔଷଧୀୟ ବୃକ୍ଷ, ସରୀସୃପ ଓ ବନ୍ୟଜନ୍ତୁଙ୍କ ପାଇଁ ଏହା ବିପଦ ସାଜିଛି। ଏହାକୁ କିପରି ରୋକାଯାଇ ପାରିବ ଏବଂ ଲାଗିଥିବା ନିଆଁ ଆଉ ଅଧିକ ଅଞ୍ଚଳକୁ ନ ବ୍ୟାପିବ ସେଥିପାଇଁ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଅଞ୍ଚଳମାନଙ୍କରେ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ପାଟ୍ରୋଲିଂ ଦଳ ମଧ୍ୟ ନିୟୋଜିତ କରାଯାଉଛି। ସେହିପରି କେନ୍ଦୁଝର ଜିଲ୍ଲାର ଅନେକ ଜଙ୍ଗଲ, ଖଣି ଲିଜ ଅଞ୍ଚଳ ଭିତରେ ରହୁଥିବା ବେଳେ, ପ୍ରତିବର୍ଷ ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟି ବହୁ କ୍ଷୟକ୍ଷତି ଘଟୁଛି। ଖଣି ଅଞ୍ଚଳରେ ଜଙ୍ଗଲ ଅଗ୍ନିକାଣ୍ଡକୁ ରୋକିବା ଏବଂ ହ୍ରାସ କରିବା ଉଦ୍ଦେଶ୍ୟରେ ଖଣି ଲିଜଧାରୀ ଏବଂ ଇଣ୍ଡଷ୍ଟ୍ରିଆଲ୍ ୟୁନିଟର ଅଧିକାରୀମାନଙ୍କ ସହିତ ବନ ବିଭାଗ ପକ୍ଷରୁ ଯୋଡା ବ୍ଲକ ସେରେଣ୍ଡାଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଅଗ୍ନି ପ୍ରତିରୋଧ ଏବଂ ବନ୍ୟଜନ୍ତୁ ସଂରକ୍ଷଣ କାର୍ଯ୍ୟକାରିତା ଉପରେ ବୈଠକରେ ଆଲୋଚନା କରାଯିବା ସହ ଖଣି କମ୍ପାନୀ ଗୁଡ଼ିକ ଯେଉଁସବୁ ନିରାକରଣ ପଦକ୍ଷେପ ପ୍ରସ୍ତୁତ କରିଛନ୍ତି ସେନେଇ ମଧ୍ୟ ସମୀକ୍ଷା ହୋଇଥିଲା। ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତିଙ୍କୁ ସଚେତନ କରିବା ସହ ଜଙ୍ଗଲରେ ନିୟମିତ ପାଟ୍ରୋଲିଂ ଏବଂ ଅବହେଳା ପ୍ରଦର୍ଶନ ନ କରି ତୁରନ୍ତ ନିଆଁ ଲିଭାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସହମତି ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଶୁନ୍ୟ ଜଙ୍ଗଲ ଅଗ୍ନି କିପରି କରାଯାଇ ପାରିବ ସେ ଦିଗରେ ଉଭୟ ବନ ବିଭାଗ ଓ ଖଣି କର୍ତ୍ତୃପକ୍ଷ ସମନ୍ୱୟ ରଖି ଜଙ୍ଗଲ ନିଆଁକୁ ପ୍ରତିରୋଧ କରିବା ପାଇଁ କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍‌ଡି ପରାମର୍ଶ ଦେଇଥିଲେ। ଏନେଇ କମ୍ପାନୀ ଗୁଡ଼ିକ ଆଗାମୀ ୧୦ ଦିନ ମଧ୍ୟରେ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ଡିଏଫ୍‌ଓଙ୍କୁ ଜଣାଇବା ପାଇଁ କୁହାଯାଇଛି। ଏହି ବୈଠକରେ ଏସିଏଫ୍ ଅଶୋକ କୁମାର ଦାସ, ଏସିଏଫ୍ ଟ୍ରେନର ଜିତେନ୍ଦ୍ର କୁମାର ବେହେରା, ଅମିତ ପ୍ରକାଶ ନାଏକ, ବଡ଼ବିଲ ରେଞ୍ଜର, ଚମ୍ପୁଆ ରେଞ୍ଜର ଉପସ୍ଥିତ ରହିଥିବା ବେଳେ ୨୬ ଟି ଖଣି ଏବଂ ଇଣ୍ଡଷ୍ଟ୍ରିଆଲ୍ ୟୁନିଟର ପ୍ରତିନିଧିମାନେ ଯୋଗଦେଇଥିଲେ।

## ସାମାଜିକ ଉନ୍ନୟନ ସଂସ୍ଥା ତରଫରୁ ରକ୍ତଦାନ ଶିବିର

**ତୁରୁମୁଙ୍ଗା,୫।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ସାମାଜିକ ଉନ୍ନୟନ ସଂସ୍ଥା ତରଫରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ତୁରୁମୁଙ୍ଗା ଶ୍ରୀବିଦ୍ୟା ବାଟିକା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଂଯୋଜକ ସନ୍ତୋଷ ବାରିକଙ୍କ ସଂଯୋଜନାରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଭାବରେ ଶିଳ୍ପପତି ପ୍ରତାପ ଚନ୍ଦ୍ର ସାହୁ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଦଧିବମାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଜଗଜ୍ଜନନୀ ଜେନା ଉପସ୍ଥିତ ରହି ରକ୍ତଦାନର ଆବଶ୍ୟକତା ଉପରେ ବାର୍ତ୍ତା ରଖିଥିଲେ। ଏହି ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ କେନ୍ଦୁଝର ବ୍ଲଡ ବ୍ୟାଙ୍କ ପକ୍ଷରୁ ଡା. ସୁବାସ ଚନ୍ଦ୍ର କର, ଏଲଟି ତପନ କୁମାର ନାଏକ ଓ ଯତୀନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶ୍ରୀବିଦ୍ୟା ବାଟିକାର ଅଧ୍ୟକ୍ଷ ଅନୀଲ ଚାୱାଡା, ସଂସ୍ଥାର ଉପଦେଷ୍ଟା ଗୋପିନାଥ ସାହୁ, ରମେଶ ଚନ୍ଦ୍ର ନାୟକ, ବଳଭଦ୍ର ନାଏକ, ଗୌତମ ନାୟକ, ଯଶୋବନ୍ତ ନାୟକ, ଲିଟୁ ପାତ୍ର, ସୁମନ୍ତ ମହାନ୍ତ, ଦୀପେନ୍ଦ୍ର ସାହୁ, ଗୋପାଳ ସାହୁ ପ୍ରମୁଖ ସହିତ ବିଦ୍ୟାବାଟିକାର ସମସ୍ତ କର୍ମଚାରୀ ଉପସ୍ଥିତ ରହି କର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।



